

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ, ୨୦୧୫ ସଂସ୍କରଣ

ମା

ସମୟ

କିଛି ସ୍ୱପ୍ନ

ଘଟ ବିଭ୍ରାଟ

ରଥପାଇଁ ପଦେ

## ସର୍ବବ୍ୟାପୀଙ୍କୁ ନେଇ ରାଜନୀତି

## ପଶୁତ୍ୱରୁ ଉର୍ଦ୍ଧ୍ୱରେ

## ରୁଗ୍ଣ ମାନସିକତା ଓ ତନ୍ତ୍ରମନ୍ତ୍ର

ଦଶମ ବର୍ଷ, ସପ୍ତମ ସଂଖ୍ୟା
ଜୁଲାଇ, ୨୦୨୫



# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୭୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ  । ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ  । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ  ।

# ସମ୍ପାଦକୀୟ

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



ଆଷାଢ଼ର ବର୍ଷା ଆଜ ସପନ ହୋଇଛ, ଲଘୁଚାପ ନ ହେଲେ ପାଣି ଟୋପେ ପାଇବା ସତେ ଯେମିତ ଅସମ୍ଭବ ହୋଇଗଲାଣି । ବର୍ଷାଋତୁ ନାମକୁ ମାତ୍ର ରହଛ ଯାହା ମୌସୁମୀ ଆଜମଧ ଆମକୁ ଦୁଃଖ ଦେଇ ଯାଉଛ । ନଦୀରେ ବନ୍ୟା ଆସିବ କାହିଁକ, ଯଦ ଜମିକୁ ବୁନ୍ଦାଏ ପାଣି ମିଳୁନାହିଁ । ଗ୍ରୀଷ୍ମର ଉତ୍ତାପ ଅସହ୍ୟ ହେଲାଣି, ଚାତକ କାହିଁ ?

ଜୁଲାଇ ମାସ, ପବତ୍ର ରଥଯାତ୍ରାର ମାସରେ ଆମର ସମସ୍ତ ପାଠକ ପାଠିକାମାନଙ୍କୁ ଅଭନନ୍ଦନ ଜଣାଉଛୁ । ମହାପ୍ରଭୁ ଜଗନ୍ନାଥଙ୍କର ବଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ଅନତ ପୂର୍ବରୁ ଚଳତ ମାସର ଆହ୍ୱାନ ଇ-ପତ୍ରକା ଆପଣ ମାନଙ୍କୁ ଭେଟି ଦେଉଛ । ସମୟ ଏବଂ ସାହାଯ୍ୟ ଅଭାବ ହେତୁ ଚଳତ ମାସର ସଂସ୍କରଣରେ କଛ କମ ଲେଖା ପ୍ରକାଶ ପାଇଛ । ଆଶା କରୁଛ ଆଗାମୀ ଦନରେ ଏହାକୁ ପୁଣି ଅଧିକ ସଂଖ୍ୟାରେ ପ୍ରକାଶିତ କରବ । କନ୍ତୁ ଅନେକ ନୂଆ ଲେଖକ ଲେଖିକା ଆମ ସହ ଯୋଡ଼ିହୋଇଛନ୍ତ ସେମାନଙ୍କ ପାଇଁ ଆମେ ଅତ୍ୟନ୍ତ ଆନନ୍ଦିତ ହେଉଛୁ ।

ଆମ ଭାଷା ଆମ ସଂସ୍କୃତ ସବୁଠାରୁ ସମୃଦ୍ଧ ସଂସ୍କୃତ । ଏହା କାହାକୁ କହବା ଦରକାର ନାହିଁ । ଯେଉଁ ସଂସ୍କୃତରେ ରାଜା ଇନ୍ଦ୍ରଦ୍ୟୁମ୍ନ ସନ୍ତାନମାନେ ଗର୍ବ କରଲେ ଧର୍ମନଷ୍ଟ ହେବ ବୋଲ ଭାବ ଆଜୀବନ ନଃସନ୍ତାନ ରହବାର ଆଶୀର୍ବାଦ ମାଗିଥିଲେ, ଯେଉଁଥି ପାଇଁ ମହାପ୍ରଭୁ ଗୁଣ୍ଡିଚା ଦେବୀଙ୍କୁ ମାଉସୀର ଆଖ୍ୟା ଦେଇଥିଲେ, ସେଇ ଭୂମିରେ ବର୍ତ୍ତମାନର ପୀଢ଼ି ଆମେ କେତେ ଗ୍ରେଟ ବୋଲ ପ୍ରମାଣିତ କରବାକୁ କୌଣସି ଚେଷ୍ଟା ଛାଡ଼ିନାହାନ୍ତ । ଛାଡ଼ନ୍ତୁ କହଲେ ପୁଣି ଯୁକ୍ତି ହେବ ଏବଂ କଛ ବାଳୁତ ବ୍ୟକ୍ତି ଅଯଥା ଯୁକ୍ତି କରବାକୁ ଆସିଯିବେ । ପୁଣି ବୟୋଜ୍ୟେଷ୍ଠଙ୍କ ପ୍ରତ ସମ୍ମାନର ହତାଦର ହେବ । ତେଣୁ କୌଣସି ଅଯଥା ଯୁକ୍ତିକୁ ପ୍ରଶ୍ରୟ ନଦେଇ ଆମେ ଆହ୍ୱାନ ଇ-ପତ୍ରକାର ଲକ୍ଷ୍ୟ ସାଧନ

ହେତୁ କଥା ହେବା । ଆମେ ଏଠି ସାହିତ୍ୟର ଅଭିବୃଦ୍ଧିପାଇଁ କାମ କରୁଛେ । ରାଜନୀତି କରିବା ଆମର ଲକ୍ଷ୍ୟ ନୁହେଁ । ଆମେ ଅତି ସାଧାରଣ ମନୁଷ୍ୟ । ସମାଜରେ କଣ ହେଉଛି ନ ହେଉଛି ସେ ସବୁକୁ କେବଳ ଦେଖିବା ଆଉ ନିରବ ରହିବାରେ ହିଁ ଆମର ଭଲ ବୋଲି ଆମେ ବିବେଚନା କରୁଛୁ ।

ଆମେ କିନ୍ତୁ ଆମ ସଂସ୍କୃତି ସଭ୍ୟତା ଏବଂ ଭାଷାକୁ ନେଇ ବହୁତ ଗର୍ବ କରୁ । ଆମ ସଭ୍ୟତା ହେଉଛି ବିଶ୍ୱର ସବୁଠାରୁ ଉନ୍ନତ ସଭ୍ୟତା । ଅନ୍ଧବିଶ୍ୱାସ ବୋଲି କହିଦେଇ ଆମକୁ ଅନେକ ବୁଦ୍ଧିଜୀବି ଓ ବିଜ୍ଞ ବ୍ୟକ୍ତିମାନେ ଆମର ଜ୍ଞାନକୌଶଳ ଓ ବିଦ୍ୟାକୁ ମାରିଦେଇଛନ୍ତି । ଆମେ ସେଇ ସଭ୍ୟତାର ଦାୟାଦ ଯେଉଁମାନେ କୋଣାର୍କ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଆଦି ନିର୍ମାଣ କରିଥିଲେ । ଆମେ ସେଇ ସଭ୍ୟତାର ଦାୟାଦ ଯାହାର ସନ୍ତାନମାନେ ସମୁଦ୍ରପଥରେ ହଜାର ହଜାର କିଲୋମିଟର ବାଟ ଅତିକ୍ରମ କରି ଯାଇ ବ୍ୟାପାର କରି ବିଶ୍ୱରେ ବସୁଦେବ କୁଟୁମ୍ବକମ୍‌ର ପଦକୁ ସତ୍ୟ ବୋଲି ପ୍ରମାଣିତ କରିଥିଲେ । ଆମେ ସେହି ସଭ୍ୟତାର ଦାୟାଦ ଯେଉଁଠାରୁ ବୁଦ୍ଧଦେବଙ୍କ ବାଣୀର ପ୍ରଚାର ପ୍ରସାର ଆରମ୍ଭ ହୋଇଥିଲା । ଆମେ ସେଇ ସଭ୍ୟତା ଯାହାର ଭାଷା ସମୁଦାୟ ଭାରତବର୍ଷରେ ସବୁଠାରୁ ପୁରୁଣା ବୋଲି ପ୍ରସିଦ୍ଧ । ଭାରତର ଛଅଗୋଟି ଶାସ୍ତ୍ରୀୟ ଭାଷା ମଧ୍ୟରେ ଆମ ଭାଷା ଅନ୍ତର୍ଗତ । ଏହା କଣ ଆମ ପାଇଁ ସମ୍ମାନଜନକ ନୁହେଁ କି ? ହିଁ ଆମ ନିଜ ଲୋକ ହିଁ ଆମ ଭାଷାକୁ ହତାଦର କରିଛନ୍ତି । ଇଂରାଜୀ ଓ ହିନ୍ଦୀ ପରି ଭାଷା ସମ୍ମୁଖରେ ଓଡ଼ିଆରେ କଥା ହେବାକୁ ଉଚିତ ମନେ କରିନାହାନ୍ତି, ସେଇଥିପାଇଁ ଓଡ଼ିଆ ଭାଷାର ଗ୍ରହିତା ଦିନକୁ ଦିନ କମିଯାଉଛି ବୋଲି କୁହାଗଲାଣି । ହୋଇପାରେ, ଅବଶ୍ୟ ଆମେ ଅଭ୍ୟନ୍ତରୀଣ ଓଡ଼ିଶାରେ ଏବେ ବି ସମସ୍ତେ ଓଡ଼ିଆରେ ହିଁ କଥା ହେଉଛନ୍ତି । କେବଳ କିଛି ଅଳ୍ପପାଠୁଆ ବା ଅତି ଜ୍ଞାନୀ ବୋଲି ନିଜକୁ ବିବେଚନା କରୁଥିବା ବ୍ୟକ୍ତି ହିଁ ନିଜର ପାଣ୍ଡିତ୍ୟର ପ୍ରଚାର ପାଇଁ ଅଣଓଡ଼ିଆ କଥା କହୁଛନ୍ତି । ସେଇଥି ପାଇଁ ୧୯୫୪ ମସିହାରୁ ସରକାରୀ ସ୍ୱୀକୃତି ପାଇଥିବା ସତ୍ତ୍ୱେ ଓଡ଼ିଆ ଭାଷାକୁ ଓଡ଼ିଶା ସରକାର ସମସ୍ତ କାମରେ ସରକାରୀ ଭାଷା ଭାବରେ ଲାଗୁ କରିପାରିନାହାନ୍ତି । ଏଥିପାଇଁ ଜଣେ ବୟସ୍କ ବୁଦ୍ଧିଜୀବିଙ୍କୁ ଆଠ ଦିନ କାଳ ଅନଶନ କରିବାକୁ ପଡୁଛି, ଏ ସବୁ ସତ୍ତ୍ୱେ ସରକାର ପ୍ରତିଶ୍ରୃତି ଦେଉଛନ୍ତି ଏକ କମିଟି ଗଠନ କରାଯିବ ଏବଂ ପଦକ୍ଷେପ ନିଆଯିବ ।

ବିଗତ ଦିନରେ ଓଡ଼ିଶାରେ ଓଡ଼ିଆ ଭାଷା ସଂଗ୍ରାମ ସମିତିଦ୍ୱାରା ଆୟୋଜିତ ଆମରଣ ଅନଶନ ସଫଳତାର ସହ ସମାପ୍ତ ହୋଇଛି, ଅବଶ୍ୟ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଆୟୋଜିତ ହୋଇଥିଲା ତାହା ବର୍ତ୍ତମାନ ସୁଦ୍ଧା ସଫଳ ହୋଇନାହିଁ, କିନ୍ତୁ ନବକଳେବର ଓ ରଥଯାତ୍ରା ପରେ ହୁଏତ ସରକାର

ଏଇ ବାବଦରେ କୌଣସି ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି, ସେମିତରେ ବି ଆମେ ୧୯୬୪ ମସିହାରୁ କେବଳ ଆଶାରେ ହିଁ ବଞ୍ଚିଛୁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନବକଳେବର ବିଭ୍ରାଟ ଘଟିବାର ପ୍ରାୟ ଏକମାସ ସମୟ ହୋଇଗଲାଣି । କଣ ତଦନ୍ତ ଚାଲିଛି ଏବଂ ତାହାର ଫଳ କଣ ହେବ ବା ହେଲା କେହି ଜାଣିନାହାନ୍ତି । ସରକାର ବାହାଦୁର ସବୁ ଜିନିଷକୁ ଯେଉଁ ମନ୍ଥର ଗତିରେ ନେଉଛନ୍ତି ଲାଗୁଛି ଧିରେ ଧିରେ ଲୋକମାନଙ୍କ ମନରୁ ଏ ବିଷୟରେ ଥିବା ଚିନ୍ତା ଓ ଭାବନା ମଧ୍ୟ ଦିନେ ମରିଯିବ । ମହାପ୍ରଭୁଙ୍କ ବ୍ରହ୍ମକୁ ନେଇ ଯେଉଁପ୍ରକାର ଖେଳ ଖେଳାଗଲା, ଏଥିରେ ଗୋଟିଏ କଥା ସ୍ପଷ୍ଟ ହୋଇଗଲା ଯେ ମନ୍ଦିରରେ ମହାପ୍ରଭୁ ଥାଆନ୍ତୁ କି ନ ଥାଆନ୍ତୁ କିନ୍ତୁ ମହାପ୍ରଭୁଙ୍କୁ ନଚେଇବା ଲୋକ କିନ୍ତୁ ଅନେକ ଅଛନ୍ତି, ସେମାନେ ଚାହିଁଲେ ମହାପ୍ରଭୁଙ୍କ ଜୀବନ ଦୀପ ବି କେଉଁଦିନ ଲିଭେଇ ଦେବେ, କିମ୍ବା ଲିଭେଇ ସାରିବେଣି କେହି କହିପାରିବ ନାହିଁ ।

ପୂର୍ବରୁ ସୂଚିତ କରାଯାଇଥିବା ଅନୁଯାୟୀ ବ୍ରହ୍ମପଦାର୍ଥ ପରିବର୍ତ୍ତନର କୌଣସି ବିଧି ଶାସ୍ତ୍ରସମ୍ମତ ଭାବରେ ଅନୁଷ୍ଠିତ ହୋଇନାହିଁ । ଏହାକୁ ନେଇ ଭିନ୍ନ ଭିନ୍ନ ରାଜନୈତିକ ସଂଗଠନ ତରଫରୁ ବିରୋଧାଭାସ ଦେଖାଯାଇଥିଲା, ଓଡ଼ିଶା ବନ୍ଦର ଆହ୍ୱାନ ବି ଦିଆଯାଇଥିଲା, କିନ୍ତୁ ସରକାର ଯେମିତି ନିଦାବିଷ୍ଟ ହୋଇ ବସିଗଲେ । କହିଲେ ରଥଯାତ୍ରା କେମିତି ସୁରୁଖୁରୁରେ ପାଳନ ହେବ ଦେଖ । ଯେଉଁମାନେ ସମସ୍ତ କର୍ମକାଣ୍ଡର ଦୋଷୀ ସେହିମାନେ ହିଁ ବର୍ତ୍ତମାନ ରଥଯାତ୍ରା କରିବେ । ଏଠି କିଏ ଖରାପ ଭାବିବ ସବୁତ ଅଲାଜୁକ ହୋଇଗଲେଣି । ବର୍ତ୍ତମାନ ସମୟ ଆସିଛି ଶ୍ରୀମନ୍ଦିରକୁ ଏହି ଦଇତାପତିଙ୍କ କବଳରୁ ମୁକ୍ତ କରିବାକୁ । ଦେଶର ଅନ୍ୟ ସବୁ ମନ୍ଦିର ପରି ଏହି ମନ୍ଦିରର ପରିଚାଳନା ଦାୟିତ୍ୱ ସୁଚାରୁରୂପେ ପରିଚାଳନା ପାଇଁ ସମସ୍ତ ପଦକ୍ଷେପ ନେବା ଉଚିତ ।

ଚଳିତବର୍ଷ ରଥଯାତ୍ରାରେ ପୁରୀରେ ଆନୁମାନିକ ପଚାଶ ଲକ୍ଷ ଭକ୍ତ ଜମା ହେବାର ସମ୍ଭାବନାକୁ ଆଖିଆଗରେ ରଖି ରାଜ୍ୟ ସରକାର ପୁରୀର ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମ ଅନେକ ଦିନରୁ ହାତକୁ ନେଇଥିଲେ ଏବଂ ରଥଯାତ୍ରା ପାଇଁ ଆଉ ସପ୍ତାହକରୁ ସାମାନ୍ୟ ଅଧିକ ସମୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅନେକ କାମ ବାକିରହିଛି । ଯା ହେଉ ମହାପ୍ରଭୁଙ୍କ ରଥଯାତ୍ରା କେମିତି ଭଲରେ ଭଲରେ ସମାପନ ହେଉ ଏହାହିଁ ଆମେ ପ୍ରାର୍ଥନା କରୁଛୁ ।

ସମଗ୍ର ଓଡ଼ିଶାବାସୀଙ୍କୁ ରଥଯାତ୍ରାର ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଉପସ୍ଥାପନ କରୁଛି ।

ଧନ୍ୟବାଦ

# ଚଳିତ ସଂସ୍କରଣରେ...


| | | | |
|---|---|---|---|
| ସମ୍ପାଦକୀୟ | ୪ | ସମୟର ଅଟ୍ଟହାସ୍ୟ | ୩୨୧ |
| ମା | ୯ | *ରଞ୍ଜନ କୁମାର ସ୍ୱାଇଁ* | |
| *ଅନିଲ କୁମାର ବୋଇତ* | | ରଥ ପାଇଁ ପଦେ | ୩୩ |
| ରୁଗ୍‌ଣ ମାନସିକତା ଓ ତନ୍ତ୍ରମନ୍ତ୍ର | ୧୬ | *ସ୍ୱରୂପ କୁମାର ମଲ୍ଲ* | |
| *ବାଲ୍ମୀକି ନାୟକ* | | ଅହଲ୍ୟା | ୩୪ |
| ସର୍ବେ ହୁଅନ୍ତୁ ନିରାମୟ | ୨୧ | *ପ୍ରତିଭା ପ୍ରିୟଦର୍ଶିନୀ* | |
| *ଡା ସୌମ୍ୟରଞ୍ଜନ ମିଶ୍ର* | | ମରୀଚିକା ସ୍ୱପ୍ନ | ୩୫ |
| ଘଟ ବିଭ୍ରାଟ | ୨୪ | *ସୌମ୍ୟ ରଞ୍ଜନ ସାହୁ* | |
| *ହିମାଂଶୁ ଶେଖର ବାରିକ* | | ପାଖକୁ ତୁମର ଫେରାଇ ନିଅ | ୩୬ |
| ଅବୁଝାମନ | ୨୬ | *ନିବେଦିତା ରଥ* | |
| *ସୁକାନ୍ତ ଖେଡୁଆଳ ସିଂହ* | | ସମୟ | ୩୭ |
| କିଛି ସ୍ୱପ୍ନ | ୨୭ | *ତୁଳସୀ ସାହୁ* | |
| *ରବିନ୍ଦ୍ର ପାଣିଗ୍ରାହି* | | ବାହାଘର ଓ ଗୁଡ଼ପତ୍ର | ୩୮ |
| ତୋତେ ଝୁରି ଝୁରି | ୨୯ | *କମଳକାନ୍ତ ସୁବୁଦ୍ଧି* | |
| *ପ୍ରଶାନ୍ତ କୁମାର ନାଥ* | | | |


http://www.facebook.com/odiaparibar

ବରଷା ୪୦

*ସନମ ଦେବୀ*

କଳ୍ପନା ୪୧

*ଅଜିତ ମଲ୍ଲିକ*

ଜୟ ଜଗନ୍ନାଥ ୪୨

*ଅନୁପମ ବେହେରା*

ଅବିଶ୍ୱାସ ଓ ବିଶ୍ୱାସ ୪୩

*ଅନୁପମ ବେହେରା*

ଘର ଓଲେଇଲି ୪୫

*ତାରା ପ୍ରସାଦ ଜେନା*

ପଶୁତ୍ୱରୁ ଊର୍ଦ୍ଧ୍ୱରେ ୪୭

*ମମତା ଦାସ*

ସର୍ବବ୍ୟାପୀଙ୍କୁ ନେଇ ରାଜନୀତି ୫୯

*ପ୍ରହଲ୍ଲାଦ ଖଟୋଇ*

ମାତାପିତା ୬୨

*ରଞ୍ଜନ ସ୍ୱାଇଁ*

ରଞ୍ଜିତା ୬୩

*ଭାଗିରଥୀ ବେହେରା*

କବିତା ଘର ୨୦୧୫ ୬୪



**ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଆସନ୍ତା ମାସ (ଅଗଷ୍ଟ) ଦଶ ତାରିଖରେ ପ୍ରକାଶିତ ହେବ, ନିଜ ଲେଖା ପତ୍ରିକାରେ ପ୍ରକାଶିତ କରିବା ଇଚ୍ଛୁକ ଲେଖକଲେଖିକା ନିଜ ଲିଖିତ କୃତିକୁ ଆମ ନିକଟକୁ ଇମେଲ୍‌ଦ୍ୱାରା ପଠାଇ ପାରିବେ କିମ୍ବା ଚିଠିଦ୍ୱାରା ପଠାଇ ପାରିବେ । ଅଧିକ ସୂଚନା ପାଇଁ ପତ୍ରିକାର ଶେଷ ପୃଷ୍ଠାକୁ ପଢ଼ନ୍ତୁ ।

**http://www.facebook.com/groups/aahwaan**

# ମା

ଅନଲ କୁମାର ବୋଇତ



ଆଜ କାହିଁକ କେଜାଣି ମନଟା ଜମା ଭଲ ଲାଗୁନ । ଲାଗୁଛି ଅଫିସର ଅଧିକ କାମ ପଡ଼ିଯାଉଛି । ହୁଏତ ସେଇଥିପାଇଁ ଦେହଟା ବ ଅବଶ ଅବଶ ଲାଗୁଛି । ଯାହା ବ ହେଉ ଅଫିସ ତ ଯିବାକୁ ପଡ଼ିବ । ଅଫିସ ଗଲାବେଳେ ଏକ ଦୃଶ୍ୟ ମୋ ମନକୁ ଆନ୍ଦୋଳତ କରପକାଇଛି । ଫୁଟପାଥ ଉପରେ ବସି ଗୋଟିଏ ମା' ଛୁଆକୁ କେତେ ଗେହ୍ଲାରେ ଖୁଆଇ ଦେଉଛି ଓ ସେ ଅଝଟ ଛୁଆଟି ମା'କୁ ଖୁବ୍ ହଇରଣ କରୁଛି । ତାକୁ ଦେଖି ଆଜ କାହିଁକ କେଜାଣି ମୋ ମାଆ କଥା ମନେ ପଡ଼ିଗଲା । ମୁଁ ବ ମୋ ମା'କୁ ଖୁବ୍ ହଇରଣ କରଛି । ଛୋଟ ବେଳେ । ଆରେ ହଁ ମା' କଥାରୁ ମନେ ପଡ଼ିଲା, ମା' ସାଙ୍ଗରେ ତ ବହୁତ ଦନ ହେଲା କଥା ହୋଇନ । ଆଜ ଅଫିସରୁ ଫେରଲେ ମୁଁ ମୋ ମା' ସାଙ୍ଗରେ ମନଭର କଥା ହେବ । କରବ କଣ ? ଅଫିସ ଆଉ ଘରର ଟେନସନ୍ ଭତରେ କେତେବେଳେ ବ ସମୟ ବାହାର କର ହେଉନ । ସେ ଯା ହେଉ କାଲ ତ ରବବାର, ତେଣୁ ଆଜ ମା ସହ ଯେମିତ ହେଲେ କଥା ହେବ ।

ଅଫିସରୁ ଫେରୁ ଫେରୁ ବଳମ୍ବ ହୋଇଗଲା । ଅଳସପଣରେ ମୁଁ ଶୋଇଗଲ । କେତେବେଳେ ରାତ ପାହଗଲାଣି ମୁଁ ଆଉ ଜାଣିନ । କାନ ପାଖରେ ଫୋନ୍‌ଟି ବ ଚହ୍ଲାର କର ମୋତେ ଉଠେଇବାକୁ ଚେଷ୍ଟା କରୁଛି । ଏତେ ସକାଳୁ ସକାଳୁ କଏ ଫୋନ୍ କରୁଛି ? ବରକ୍ତ ସ୍ୱରରେ ମୁଁ କହଲ ଆଉ ଫୋନଟାକୁ ନରବ କରଦେଇ ଶୋଇଗଲ । ରମା ଆସି ଉଠେଇଲେ, ଆରେ ଉଠୁନୁ, ଦନ ନଅଟା ହେଲାଣି । କେତେ କାମ ଅଛି, କାମ କର କର ଥକ ଗଲଣି । ସେଇଥିପାଇଁ ଛୁଟି ଦନଟାରେ ଉଠିବାକୁ ମନ ହେଉନ । କଏ ସକାଳୁ ସକାଳୁ ଏତେ ଫୋନ କରୁଥିଲା । 'ଆଇ ଡୋଣ୍ଟ ନୋ ।' ମୁଁ କେମିତ

ଜାଣିବ ତମ ଫୋନ କୁ କିଏ ସକାଳୁ ସକାଳୁ ଫୋନ୍ କରୁଥିଲେ । ନିଜେ ଦେଖ । ହଉ ଦେଖେଁ । ଫୋନ୍ ଉଠେଇ ଦେଖେ ତ ସନାଦା'ଙ୍କର ଦଶଟା ମିସ୍‌କଲ୍ । ସନାଦା ? ଆଶ୍ଚର୍ଯ୍ୟ ମୁଁ ଗାଁ ଛାଡ଼ିବା ପରେ କେବେ କଲ୍ କରିନାହାନ୍ତି । ଆଜି ହଠାତ୍ ଏତେ ମିସ୍‌କଲ୍ ? ଫୋନ୍ କରିଲି । ସନାଦା ଫୋନ୍ ଧରିଲେ ଆଉ କହିଲେ, ଏତେ ଥର କଲ୍ କରୁଛି, ଫୋନଟା ଧରୁନୁ କାହିଁକି ? ନାଇଁ ଦାଦା କାମର ପ୍ରେସର ଥିଲା, ଆଉ ଆଜି ଛୁଟି ବୋଲି ଫୋନକୁ ସାଇଲେଣ୍ଟ କରି ଶୋଇଯାଇଥିଲି । ହଉ ଶୁଣ୍, ତୋତେ କାହିଁକି ଫୋନ୍ କରିଥିଲି କହିଲେ, ତୋ ମା ଆଉ ଏ ଦୁନିଆରେ ନାଇଁ । କଣ୍ କହିଲ ଦାଦା ? ହଁ ତୁ ଯାହା ଶୁଣୁଛୁ ସବୁ ସତ । ସେଇଥି ପାଇଁ ସକାଳ ପହରୁ ତୋତେ କଲ୍ କରୁଥିଲି । ଆଉ କିଛି କହିବା ପୂର୍ବରୁ ଫୋନ ଟା ବନ୍ଦ୍ ହୋଇଗଲା ।

ଦାଦାଙ୍କ କଥା ଶୁଣି ମୋ ଆଖି ଓଦା ହୋଇଗଲା । ମୋ ପାଦତଳୁ ମାଟି ଖସିଗଲା ଭଳି ଲାଗୁଥିଲା । ଚାରିଆଡ଼ ଖାଲି ଅନ୍ଧାର ଅନ୍ଧାର ଦିଶୁଥିଲା । ରମା ଆସି ମୋତେ ଡାକୁଥିଲେ ମଧ୍ୟ ସତେ ଯେମିତି ମୁଁ ପଥର ପାଲଟି ଯାଇଥିଲି ।  ରମାକୁ ଚାହିଁଲି ଆଉ ତାକୁ ଭିଡ଼ିଧରି ଭେ ଭେ ହୋଇ କାନ୍ଦିପକାଇଲି । ରମା ମୋତେ ପଚାରୁଥିଲେ, କଣ ହେଉଛି ? ଏଇମିତି କାନ୍ଦୁଛ କାହିଁକି ? କାନ୍ଦି କାନ୍ଦି କହୁଥିଲି, ମୋ ମା ଆଉ ନାହିଁ । ସେ ଆମକୁ ଛାଡ଼ିଦେଇ ଚାଲିଗଲା । ରମା ବି ସ୍ତବ୍ଧ ହୋଇଗଲେ । ଏହି ସମୟରେ ପୁଣିଥରେ ସନା ଦାଙ୍କର ଫୋନ୍ ଆସିଲା । 'ଆରେ ତୁ ଜଲଦି ଆସିଲେ ତୋ ମା'ର ଶବସଂସ୍କାର ହେବ । ଯିବା ଆଗରୁ ସିନା ତୋ ହାତରୁ ଟୋପେ ପାଣି ପାଇଲା ନାହିଁ, ଅନ୍ତତଃ ମୁଖାଗ୍ନିଟା ତ ଦେବୁ ? ତା ଆତ୍ମା ଶାନ୍ତି ପାଇବ ।'

ସୁଦୂର ଆମେରିକାରୁ ନୂଆ ଦିଲ୍ଲୀ, ସେଇଠୁ ଭୁବନେଶ୍ୱର ଆଉ ଭୁବନେଶ୍ୱରରୁ କିଛି ଦୁରରେ ମୋ ଗାଁ । ସାଙ୍ଗେ ସାଙ୍ଗେ ଆମେ ପ୍ୟାକିଂ କରି ବାହାରି ପଡ଼ିଲୁ । ମୋ ଆଖିରୁ ଲୁହ ବନ୍ଦ ହେଉନଥାଏ । କାରରେ ବସି ଯାଉଥିବା ବେଳେ ମନରେ ଖାଲି କୋହ ଉଠୁଥାଏ । ଭାରତକୁ ଫେରିବା ପାଇଁ ପ୍ଲେନ୍‌ରେ ବସିପଡ଼ିବା ପରେ ମୋର ଅତୀତର ସ୍ମୃତି ସବୁ ମୋତେ ମନେ ପଡୁଥିଲା । ମନକୁ ଭାରି କଷ୍ଟ ହେଉଥିଲା, ଯେଉଁ ମା ମୋ ଚାଲିବାଟକୁ ଚାହିଁ ରହି ଏରୁଣ୍ଡି ମୁହଁରେ ବସିରହିଥାଏ ପାଟିରେ ପାଣି

ଟିକେ ବି ଦେଇନାହିଁ, ସେ ଆଜି ମୋତେ ଛାଡ଼ିଦେଇ କେମିତି ଚାଲିଗଲା । ମା ମୋତେ କେବେ ବି ଏକା ଛାଡ଼ିନଥିଲା । ମନେ ଅଛି ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ବାପା ଆମକୁ ଏକା କରିଦେଇ ଆରପାରିକୁ ଚାଲିଯାଇଥିଲେ । ସେତେବେଳେ ମୁଁ ଛୋଟପିଲାଟିଏ ଥିଲି, ବହୁତ୍ କିଛି ଜାଣିନଥିଲି । ବାପାଙ୍କର ସୁଦ୍ଧିକ୍ରିୟା ସରିବା ବେଳକୁ ଗାଁ ସାହିଭାଇଙ୍କ କଥା ଶୁଣିଥିଲି, ଏଇ ପିଲାଟାର କଣ ହେବ ? ବାପା ତ ନାହିଁ, ଆଉ କଣ କରିବ ? ମା'ଟା ଏକା କଣ ଆଉ କରିବ ? ଆଉ କଣ ଇଏ ମଣିଷପରି ମଣିଷଟିଏ ହେବ ? ଭାଇଭଉଣୀ ହଉ କି ଦାଦା ମଉସା ହେଉ କିଏ କେତେ ସାହାଯ୍ୟ କରିବ ? ସତକୁ ସତ ବାପାଙ୍କ ଯିବାପରେ ଦାଦା ମାନେ ଜମିବାଡ଼ି ଭାଗବଣ୍ଟା କରିଦେଲେ । ଆମକୁ ଆମ ଭାଗ ଦେଇ ସମସ୍ତେ ନିଜ ବାଟ ଦେଖିଥିଲେ । ମା'ର ଆଖିରୁ ଲୁହ ବନ୍ଦ ହେଉନଥିଲା । ହେଲେ ସେତେବେଳେ ବି ସେ ଗୋଟିଏ କଥା କହୁଥିଲା, ମୁଁ ତତେ ମଣିଷପରି ମଣିଷଟିଏ କରିବି । ଯେଉଁମାନେ ତୋତେ ନ୍ୟୁନ ଦେଖୁଛନ୍ତି ସେମାନଙ୍କୁ ଦେଖେଇ ଦେବି ।

ବାପା ନାହାନ୍ତି ବୋଲି କେବେ ଅଭାବ ମୋତେ ଅନୁଭବ କରେଇ ଦେଇନଥିଲା ମା । ମୋର ସବୁ ଅଳଅର୍ଦ୍ଦଳି ପୁରା କରି ମୋତେ ପାଠ ପଢ଼ାଇବାକୁ କେତେ କାହାକୁ ନେହୁରା ନ କରିଛି ସେ । ଜମିରେ ମୁଲିଆ ଲଗେଇ ଉଦୁଉଦିଆ ଖରା ଠିଆ ହୋଇ ଚାଷ କରାଇଛି । ମୂଲିଆମାନେ ଅଧିକ ପଇସା ନେଇଯିବେ ବୋଲି ନିଜେ ବେଙ୍ଗଳା ପକେଇ ଧାନ ବାହାର କରିଛି, ଧାନ ବିକି ମୋତେ ପଢ଼େଇଥିଲା ସେ । ପୂଜାପର୍ବାଣୀରେ ସେ ପଛେ ଚିରା ଲୁଗା ପିନ୍ଧୁଥିଲା, ହେଲେ ମୋ ପାଇଁ କେବେ ଅଭାବ କରିନଥିଲା ସେ । ମୋର ସବୁ ଦାବିକୁ ସେ ପୂରଣ କରିଥିଲା । ଏଇ ସନାଦା' ବୋଉକୁ କହିବାର ଶୁଣିଛି, ପୁଅ ଭେଣ୍ଡିଆ ହେଲାଣି, କାମକୁ ପଠେଇ ଦେ, ଟଙ୍କା ଦିଟା ଆଣିଲେ ମା ପୁଅ ଖାଇପିଇ ଖୁସିରେ ରହିବ । ତୁଚ୍ଛାଟାରେ କାହିଁକି ତା ପାଠପଢ଼ାରେ ଏତେ ଖର୍ଚ୍ଚ କରୁଛୁ । ପାଠ ପଢ଼ି ବାରିଷ୍ଟର ହେଇଯିବ ନା କଣ ? ଆଉ ଯଦି ହେଇ ବି ଗଲା, ସେ କଣ ଆଉ ତୋତେ ପଚାରିବ ? ବାହାସାହା ହେଇ ସହରରେ ରହିବ ନା ? ମା କିଛି ନ କହି ହସିଦେଇଥିଲା । ମୁଁ ସେଇଦିନ ଦୃଢ଼ କଣ୍ଠରେ କହିଥିଲି ନା ମୋ ମା'କୁ ଛାଡ଼ି ମୁଁ କୁଆଡ଼େ ଯିବିନି । ସନାଦା ଖେଙ୍କେଇ ହେଇ କହିଲେ, ହଉରେ ପୁଅ, ମୁଁ ଦେଖୁଛି । ତୁ କଣ କରିବୁ ନ

କରିବୁ ସବୁ ଦେଖିବ ।

ସେ ଦିନର କଥା ସବୁ ମନେ ପଡ଼ିଲେ ଦେହ ଶୀତେଇ ଉଠେ । ବାପା ଚାଲିଗଲା ପରଠୁ ମା ମୋତେ କେବେ ଗାଳି ଦେଇନି କି ମାରିନି । ହେଲେ ଦିନେ ମୋ ମା ମୋତେ ବହୁତ ମାଡ଼ ମାରିଥିଲା । ମାଡ଼ର କାରଣ ବି ସେମିତି ଥିଲା, ମୋର ସାଙ୍ଗ ରବିଦାସ ମଉସାଙ୍କ ବାଡ଼ିରେ କାକୁଡ଼ି ଚୋରୀ କଲା ଆଉ ନାଁ ଦେଇଦେଲା ମୋର । ଦାସ ମଉସା ସିଧା ଆସି ଆମ ଘରେ ହାଜର । ମା'କୁ ଅଭିଯୋଗ କଲେ ଯେ ତୋ ପୁଅ ମୋ ବାଡ଼ିରେ ପଶି କାକୁଡ଼ି ଚୋରୀ କରୁଛି । ବାପଛେଉଣ୍ଡ ପିଲା ଚୋରୀ କରିବନି ତ ଆଉ କଣ କରିବ ? ବାପ ଥିଲେ ସିନା ମଣିଷ କରିଥାନ୍ତା । ତୁ ମାଇପି ଲୋକଟା କଣ କରିବୁ ? ଆଉ କେତେ କଣ କହିଗଲେ । ସେଇ ସମୟରେ ମଉସାଙ୍କୁ ଦେଖାଇବା ପାଇଁ ମା ମୋତେ ବାଡ଼େଇଥିଲା । ହେଲେ ପରେ ବହୁତ କାନ୍ଦିଥିଲା । ସେ ଠିକ୍ ଜାଣିଥିଲା ମୁଁ କେବେ ବି ଏମିତି କାମ କରିବି ନାହିଁ । ରାତିସାରା କାନ୍ଦି କାନ୍ଦି ଭୋକରେ ଶୋଇଥିଲା । ଚୈତ୍ର ମଙ୍ଗଳବାରରେ ଗାଁ ଦାଣ୍ଡରେ ମାଁ ମଙ୍ଗଳାଙ୍କୁ ମୋର ଶୁଭ ମନାସୀ ପଣା ଦେଇଥିଲା । ଏମିତି ଭାବୁ ଭାବୁ କେତେବେଳେ ଆମେ ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିଗଲୁ ଜଣାପଡ଼ିଲା ନାହିଁ ।

ପ୍ଲେନ୍‌ରୁ ଓହ୍ଲେଇ ପୁଣି ଭୁବନେଶ୍ୱର ଯିବାପାଇଁ ଫ୍ଲାଇଟ୍ ଧରିଲୁ ଆଉ ପୁଣିଥରେ ପୁରୁଣା ଦିନର ସ୍ମୃତିରେ ହଜିଗଲି । ଏମିତି ଦେଖୁ ଦେଖୁ ମୋର ବୋର୍ଡ଼ ପରୀକ୍ଷା ପାଖେଇ ଆସୁଥିଲା । ମୁଁ ପାଠ ପଢ଼ିବା ବେଳେ ମା ମୋ ପାଖରେ ବସିଥାନ୍ତି । ମୁଁ ଅନେକ ରାତ୍ରୀଯାଏଁ ବସି ପଢ଼େ । ମୁଁ ଶୋଇଗଲେ ମା ଉଠେଇ ଦିଅନ୍ତି । ପରୀକ୍ଷା ଦେବାପାଇଁ ଗାଁଠାରୁ ଅନେକ ଦୂର ଅନ୍ୟ ସ୍କୁଲ ଯିବାକୁ ପଡ଼େ । ଗାଁ ସ୍କୁଲର ଶିକ୍ଷକମାନେ ପିଲାମାନଙ୍କୁ ସାଥିରେ ନେଇ ଯାଆନ୍ତି । ଘରୁ ଡାଲି ଚାଉଳ ଆଉ କିଛି ଟଙ୍କା ନେଇ ଦେଲେ, ନୂଆ ଯାଗାରେ ରହିବା ଖାଇବା ସହିତ ପଢ଼ାପଢ଼ି ଓ ପରୀକ୍ଷା ବ୍ୟବସ୍ଥାକରନ୍ତି । ମୋର ପରୀକ୍ଷା ବେଳକୁ ମୋ ମା' ମୋ ସହିତ ଯାଇଥିଲା । ମନା କଲେ ବି ଶୁଣିନଥିଲା । କହିଲା କିଏ କୋଉଠି ମୋ ପୁଅକୁ କଣ ଟିକେ ଖାଇବାକୁ ଦେବ, ଭଲରେ ଦେଖାଶୁଣା କରିବ କି ନାହିଁ । ତୋତେ ଛାଡ଼ି ମୁଁ ଏଇଠି ରହିପାରିବିନି । ଏମିତି କହି ସେ ମୋ ସହ ଯାଇଥିଲା । ସେଇ ପରୀକ୍ଷାରେ ଆମ ଗାଁରେ ମୁଁ

ପ୍ରଥମ ହୋଇଥିଲି । ମୋ ବୋଉ କେତେ ଖୁସିରେ ଘର ଘର ବୁଲି ସମସ୍ତଙ୍କୁ କହିଥିଲା । ବାପାଙ୍କ ଗଲାପରେ ବୋଧହୁଏ ବୋଉ ପ୍ରଥମଥର ଏତେ ଖୁସି ହୋଇଥିଲା । ଆମ ଗାଁ ସ୍କୁଲର ପ୍ରଧାନଶିକ୍ଷକ ଘରକୁ ଆସି ମା'କୁ କହିଥିଲେ, ଆଶିଷକୁ ଆଗକୁ ଆହୁରି ପଢ଼ାଅ । ଆଜି ସେ ଗାଁରେ ସବୁଠି ବେଶୀ ଅଙ୍କ ରଖିଛି କାଲି ଦେଶର ନାଁ ରଖିବ । ମା ସେଇଦିନ ପୁଣିଥରେ ଦୃଢ଼ କଣ୍ଠରେ କହିଥିଲା ମୁଁ ପଛେ ଓଳିଏ ଖାଇଲେ ଓଳିଏ ଉପାସ ରହିବି ହେଲେ ମୋ ପୁଅକୁ  ବଡ଼ ମଣିଷ ନିଶ୍ଚୟ କରିବି । ସେହି ସମୟ ପରେ ମୁଁ ଗାଁ ଛାଡ଼ି ଆସି ସହରରେ ହଷ୍ଟେଲରେ ରହିଲି, ସେଇଠି ଏକା ରହିବା ମୋ ପାଇଁ ବହୁତ୍ କଷ୍ଟକର ହୋଇପଡ଼ିଥିଲା । ମା ପରି ସ୍ନେହ ଆଉ କିଏ ହଷ୍ଟେଲରେ ମିଳେ । ସେଇଥିପାଇଁ ଅନେକ ସମୟରେ ଅଧା ନିଦରୁ ମା ବୋଲି କହି ଚମକି ଉଠିପଡୁଥିଲି ବୋଲି ସାଙ୍ଗମାନେ ହସୁଥିଲେ । ହଠାତ୍ ଏଇ ସମୟରେ ରମା ମୋତେ ହଲେଇ ଦେଇ କହିଲେ, ଉଠ ଭୁବନେଶ୍ୱର ଆସିଗଲା ।

ଭୁବନେଶ୍ୱରରେ ମାଟିର ଗନ୍ଧ ମୋ ଦେହରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା । ନିଜ ଗାଁ ନିଜ ଗଇଜର ମାଟି । ମୋତେ ଲାଗୁଥିଲା ସତେ ଯେମିତି ଏଇ ପବନରେ ମୋ ମା ଆସି କହୁଥିଲା, ପୁଅ ତୁ ଆସିଗଲୁ ? ମା କଥା ପୁଣି ମନେ ପଡ଼ିଲେ ଆଖିରେ ଲୁହ ଦୁଇଧାର ଗଳି ଆସୁଥିଲା । ଆମ ଗାଁ ଭୁବନେଶ୍ୱର ଠାରୁ ଘଣ୍ଟାଏକର ବାଟ । ମନେ ପଡୁଥିଲା ଯେଉଁଦିନ ଚାକିରୀ କରିବାପାଇଁ ବାହାରିଥିଲି, ସେଇଦିନ ମା ମୋତେ ବସଷ୍ଟାଣ୍ଡରେ ଛାଡ଼ିଦେଇ କେତେ କାନ୍ଦିଥିଲା । କୋଉଠି ରହିବୁ କେମିତି ରହିବୁ, ମୋତେ ଭୁଲିଯିବୁନି ତ ଏମିତି କେତେ କିଣ ବାହୁନି ବାହୁନି କାନ୍ଦିଥିଲା । ତା କାନ୍ଦ ଦେଖି ମନ ତରଳି ଯାଉଥିଲେ ସୁଦ୍ଧା ଚାକିରୀ କ୍ଷେତ୍ରକୁ ଯିବାକୁ ପଡ଼ିବ ବୋଲି ପଳେଇ ଆସିଥିଲି । ଗାଁ ଦାଣ୍ଡରେ ପଶିଲା ବେଳକୁ ସନାଦା ଦେଖା ହେଲେ । କହିଲେ, ଭଲ ହେଲା ତୁ ଆସିଗଲୁ । ଆଉ କେତେ ସମୟ ରଖିଥାନ୍ତୁ ? ଆମେ ଭାବୁଥିଲୁ ଶବଦାହ କରିଦେବୁ ବୋଲି । ଖାଲି ତୋ ମା'ଟା କହୁଥିଲା ମୋ ପୁଅ ଆସିବ, ସେଇଥି ପାଇଁ ରଖିଛୁ । ଗାଁରେ ସବୁ ଟୁପୁରୁ ଟାପୁରୁ ହେଉଥିଲେ, କିଏ କହୁଥିଲା ଆହା ବିଚାରୀଟା ପୁଅକୁ ନ ଦେଖି ମରିଗଲା, ଆଉ କିଏ କହିଲା ପାଣି ଟୋପେ ପାଇଲା ନି । ପୁଣି କିଏ କହିଲା ପୁଅକୁ ବଡ଼ କରିବ ବୋଲି କଣ ନ କରିଛି ସେ ?

ଘର ପାଖରେ ଥିଲେ ରବିଦାଦା ମୋତେ ଭିଡ଼ି ଧରି କାନ୍ଦିପକେଇଲେ । କେତେ ଖୋଜୁଥିଲା ପୁଅ ପୁଅ ବୋଲି । ଫୋନ କରି ମୋ ପୁଅ ସହ କଥାଟିକେ କରେଇ ଦିଅ ବୋଲି କେତେ କହୁଥିଲା । ଅନେକ ଥର ତୋତେ ଫୋନ୍ କରିଛି, ହେଲେ ପୁଅ ତୋର ସେଇଠି ଦିନ କୁ ଆମର ଏଇଠି ରାତି, ଆଉ ଅଧିକାଂଶ ସମୟ ବୋହୁ କହୁଥିଲେ ତୁ ଅଫିସରେ ଅଛୁ ଆସିଲେ ଫୋନ୍ କରିବୁ । ତୋ ଫୋନକୁ ଅପେକ୍ଷା କରି କରି ଚାଲିଗଲା । ସନା ବି କହୁଥିଲା ତୁ କେବେ ଫୋନ୍ କଲେ ଧରୁନୁ ବୋଲି । ତୋ ବୋଉ ତୋ ସହ ପଦୁଟିଏ କଥା ହେଇଥିଲେ ତରି ଯାଇଥାନ୍ତାରେ ବାପା । ହଉ ହଉ ଯା ଭିତରକୁ ଯା, ଅନେକ ସମୟ ହେଲାଣି ତାକୁ କହାରେ ଶୋଇଦେଇ ରଖିଛୁ । ତୁ ଥରେ ଦେଖିଦେ, ତା ପରେ ଯାହା ଆନୁସଙ୍ଗିକ କର୍ମ କରିବା । ବେଶୀ ସମୟ ଘରେ ରଖିଲେ ବି ଭଲ ନାହିଁ ।

ଘର ଭିତରେ ମା ଛିଣ୍ଡା କନ୍ଥାରେ ଶୋଇଥିଲା । ଚାରିପାଖରେ ଖୁଡ଼ିମାନେ ଆଉ ସାହିର ମହିଳାମାନେ ବସିଥିଲେ ।  ମା ସେଇ ଛିଣ୍ଡା କନ୍ଥା ସହିତ ସତେ ଯେମିତି ଲେଶି ହୋଇଯାଇଥିଲା । କିଛି ତ ଫରକ ନଥିଲା । ମୋତେ ବଡ଼ କରିବାପାଇଁ ସେ ବି ନିଜେ ଛିଣ୍ଡା କନ୍ଥା ଟିଏ ହିଁ ତ ହୋଇଯାଇଥିଲା । ମୋ ଦେହ ଅବଶ ହେଇଯାଉଥିଲା । ହାତପାଦ ଥଣ୍ଡା ପଡ଼ିଯାଉଥିଲା । ମା ମୋତେ ଆଉ ବାପରେ ଆ ବସ ବୋଲି କହିବନି ଭାବି ଦେହଟା ଥରିଯାଉଥିଲା । ମା'ର ପାଦ ପାଖରେ ବସିପଡ଼ିଲି ମୁଁ । ସନାଦା ଆଉ ରବିଦା ଆସି କହୁଥିଲେ ଶୀଘ୍ର କର, ସନ୍ଧ୍ୟା ହେବା ପୂର୍ବରୁ କର୍ମ ସାରିଦେବା । କାଲିଠୁ ପଡ଼ିଛି ବୁଢ଼ୀଟା, ତୁ ଆସିଲେ ହିଁ କର୍ମ ହେବ ବୋଲି ସେ କହିଥିଲା ବୋଲି ଆମେ ଅପେକ୍ଷା କରିଥିଲୁ । ସାନ ଖୁଡ଼ୀ ଜଣେ ଚିଠି ଖଣ୍ଡେ ଆଣିଦେଇ କହିଲେ, ନିଅ ତମ ବୋଉ ତମ ପାଇଁ ଶେଷ ସମୟରେ ଏତକ ଲେଖିଦେଇ ଚାଲିଯାଇଛନ୍ତି । ତମେ ଥରୁଟେ ଫୋନରେ କଥା ହେଇଥିଲେ ସେ କେଡେ ଶାନ୍ତିରେ ଯାଇଥାନ୍ତେ ।

ଥରୁଥିବା ହାତରେ ଚିଠିଟା ଖୋଲିଲି, ମା ଲେଖିଥିଲା,

ବାପରେ,

ତୁ ଯାଇ ରହିଲୁ କେଉଁ ବିଦେଶରେ ଯେ ତୋତେ ଦେଖିବା ତ ଦୂରର କଥା ପଦୁଟିଏ କଥା

ହେବା ପାଇଁ ବି ସମୟନାହିଁ । ମା'କୁ ଭୁଲିଗଲୁ ତୁ । ତୋତେ ବଡ଼ କରିଥିଲି, ଭାବିଥିଲି ମୋ ପୁଅ ବଡ଼ଲୋକ ହେଲେ ଗାଁରେ ଯଶ କରିବ, ବଂଶର ନାଁ କରିବ, ହେଲେ ଗାଁରେ ପାଦଦେବାପାଇଁ ତୋ ପାଖରେ ସମୟଟିକେ ମିଳିଲା ନାହିଁ । ତୁ ବି ଏତେ ଦୂରରେ ରହିଲୁ ଯେ ତୋ ଭଲମନ୍ଦ କେବେ ଦେଖିପାରିଲି ନାହିଁ, ତୁ ମୋ ପୁଅ, ସବୁ ଭଲରେ ହିଁ ଥିବୁ, ସବୁ ଲୋକଙ୍କ କଥା ବୁଝିବା ବେଳକୁ ନିଜେ କଣ ଖାଉଥିବୁ କେମିତି ରହୁଥିବୁ ତୋ ଦେହପା କଥା ଚିନ୍ତା କରି କରି ମୁଁ ବି ଦୁର୍ବଳ ହୋଇଗଲିଣି । ଅନେକ ଦିନ ହୋଇଗଲାଣି, ତୋତେ ଦେଖିନି । ତୋ ତୁଣ୍ଡରୁ ମା ବୋଲି ପଦୁଟିଏ ଶୁଣିବା ପାଇଁ ମୋ ମନରେ କେତେ ଆଶାରେ ଧନ, କିନ୍ତୁ ଲାଗୁଛି ଭଗବାନ ମୋ କଥା ଆଉ ଶୁଣିବେ ନାହିଁ । ମୁଁ ଗ୍ଲାଲିଯିବରେ ଧନ । ତୁ ଭଲରେ ଥା । ଯେତେ ବଡ଼ ହେଲେ ବି ମା କୁ ଭୁଲିବୁନି । ମୁଁ ତ ରହିବିନି ହେଲେ ଏଇ ମାଟି ଏଇ ଦେଶ ରହିବ । ମୋର ବିଶ୍ୱାସ ତୁ ଏଇ ମା'କୁ ହତାଦର କରିବୁନି । ମୋଠୁ ବି ବଡ଼ ଏଇ ମାଟି । ଏଇ ଭିଟାମାଟି କୁଡ଼ିଆ ଖଣ୍ଡିକ । ଏଇଠି ତୋତେ ବଡ଼ କରିଥିଲି । ଏଇ ଘରେ ତୁ ଜନ୍ମ ହେଇଥିଲୁ । ଏହାକୁ ଅନ୍ତତଃ ହତାଦର କରିବୁନି । ତୋ ପାଇଁ ମୁଁ ଗର୍ବ କରୁଛି । ତୁ ଖୁସିରେ ରହି ।

ଇତି ତୋର ଅଭାଗିନୀ ମା

ମା'ର ଚିଠିଟା ହାତରୁ ଖସି ଉଡ଼ିଯାଉଥିଲା । ମା'ର ମୁହଁରେ ନିସ୍ତେଜ ହସଟିଏ ଖେଳିଗଲା ପରି ଲାଗୁଥିଲା । ତା ଗୋଡ଼ଦୁଇଟାକୁ ଭିଡ଼ିଧରି କାନ୍ଦିପକାଉଥିଲି ।

ରାଉରକେଲା

# ରୁଗ୍ଣ ମାନସିକତା ଓ ତନ୍ତ୍ରମନ୍ତ୍ର

ବାଲ୍ମୀକ ନାୟକ



ବଜ୍ଞାନ ଓ ପ୍ରଯୁକ୍ତି ବଦ୍ୟାର ବକାଶ ଫଳରେ ମାନବ ଆଜ ଅନେକ ପ୍ରକାର ସୁଖ ତଥା ସୁବଧା ଉପଭୋଗ କରପାରୁଛ । ଭୌତକ ଜଗତର ସୁଖ ସାଧନ ବସ୍ତୁ ଗୁଡ଼ିକ ନଶ୍ଚିତ ଭବେ ଶୂନ୍ୟରୁ ଗଳ ପଡ଼ିନାହିଁ କମ୍ବା ଚମତ୍କାରୀ ଶକ୍ତି ଦ୍ୱାରା ଉଭା ହୋଇଯାଇନାହିଁ । ଏହ ମଣିଷ ହିଁ ଗଭୀର ଅଧ୍ୟବସାୟ, ଗବେଷଣା ଓ କଠିନ ପରଶ୍ରମ କର ନଜପାଇଁ ଯାନବାହାନ, ବଜୁଳ ଶକ୍ତି, ଟେଲଭଜନ, ରେଡ଼ିଓ, ଇଣ୍ଟରନେଟ୍, ମୋବାଇଲ୍ ଓ ବଭନ୍ନ ମେଡ଼ିକାଲ୍ ଉପକରଣ ଉଦ୍ଭାବନ କରପାରଛ । ସେହ ମଣିଷ(ବୈଜ୍ଞାନକ) ମାନେ କେବେ ବ କୌଣସି ଧର୍ମସ୍ଥଳରେ ଦନରାତ ଧ୍ୟାନ, ଯୋଗ ବା ତପସ୍ୟା କର ଏ ଗୁଡ଼ିକ ଉଦ୍ଭାବନ କରନାହାନ୍ତ । ସେମାନେ କୌଣସି ଧର୍ମଶାସ୍ତ୍ର ପଢ଼ି ବୈଜ୍ଞାନକ ଉପକରଣ ଗୁଡ଼ିକ ଖୋଜ ପାଇନାହାନ୍ତ । ପ୍ରକୃତରେ ଉପଲବ୍ଧ ମୌଳକ ଉପାଦାନ ବା କଞ୍ଚାମାଲକୁ ବଭନ୍ନ ଉପାୟରେ ଶୋଧନ କର ମାନବ ଉପଯୋଗୀ ବସ୍ତୁ ତଆର କରଛନ୍ତ । ଏହ ପ୍ରକ୍ରୟା ନରନ୍ତର ଚାଲୁ ରହଛ । ଆଗାମୀ ଦନ ମାନଙ୍କରେ ଆହୁର କେତେ, କଅଣ ନୂଆ ଜନଷ ଆମକୁ ଦେଖିବାକୁ ଏବଂ ଉପଭୋଗ କରବାକୁ ମିଳବ, କେହ କଳ୍ପନା ବ କରପାରବେନ । ଏହା ହେଉଛ ଆମର ନତଦନଆ ଆଖି ଦେଖା, କାନ ଶୁଣା ସତ ବଜ୍ଞାନର କଥା । ଏହାର ଅନ୍ୟଏକ ପାଖରେ ରହଛ କେବେ ବ ନ ଦେଖା, କେବେ ବ ନ ଶୁଣା କଥାର ଏକ କାଳ୍ପନକ ବଶ୍ୱାସର ସତ ଜଗତ । ସେହ ଜଗତରେ ସମସ୍ତ କାଳ୍ପନକ ଚରତ୍ର ବାସ କରନ୍ତ । ଈଶ୍ୱର ୩୩ କୋଟି ହନ୍ଦୁ ଦେବାଦେବୀ, ସ୍ୱର୍ଗରେ ଅପସରୀଗଣ, ନର୍କରେ ଯମରାଜ ଓ ତାଙ୍କର ଯମଦୂତଗଣ, ଶୂନ୍ୟରେ ଭୂତ, ପ୍ରେତ, ଡାହାଣୀ, ଅତୃପ୍ତ ଆତ୍ମା ସବୁ ବଚରଣ କରୁଛନ୍ତ ।

ଉପରୋକ୍ତ ସମସ୍ତ କାଳ୍ପନିକ ଚରିତ୍ର ମାନଙ୍କୁ ମଣିଷମାନେ ଭୀଷଣ ଭୟ କରନ୍ତି । ସେମାନେ ଅସନ୍ତୁଷ୍ଟ ନ ହେବା ପାଇଁ ମଣିଷ ଆଦିମ କାଳରୁ ହାତଯୋଡ଼ି ଜାନୁପାତି ବେଳେ ବେଳେ ମୁହଁମାଡ଼ି ଶୋଇପଡ଼ି ପ୍ରଣାମ କରନ୍ତି, ପ୍ରାର୍ଥନା କରନ୍ତି, ଆଶୀର୍ବାଦ ଭିକ୍ଷା କରନ୍ତି । ଏହା ସବୁ କଲାପରେ ବି ଆଶାନୁରୂପ ଫଳ ମିଳୁନଥିବାରୁ କେତେକ ବୁଦ୍ଧିଆ (ପୁରୋହିତବର୍ଗ) ଲୋକ ଆଉ କିଛି ମନଗଢ଼ା କାହାଣୀ ସୃଷ୍ଟିକଲେ । ନିଜେ ନିଜେ ପ୍ରାର୍ଥନା କଲେ ଦେବୀ ଦେବତା ସନ୍ତୁଷ୍ଟ ହୋଇପାରୁନାହାନ୍ତି, ତେଣୁ ଶାସ୍ତ୍ର ପଢ଼ିଥିବା ପଣ୍ଡିତ ମାନଙ୍କ ଦ୍ୱାରା ସେହି କାମ କରାଇଲେ. ଭକ୍ତମାନଙ୍କର ମନୋବାଞ୍ଛା ନିଶ୍ଚୟ ହିଁ ପୂର୍ଣ୍ଣ ହେବା ଦାବୀ କରାଗଲା । କଥାଟି ଖୁବ୍ ଶୀଘ୍ର ସମସ୍ତଙ୍କ ମନକୁ ପାଇଲା । ସତକଥା, ବିନା ମଧ୍ୟସ୍ଥି (ଦଲାଲ)ରେ କୌଣସି କାମ ସହଜରେ ହୋଇ ପାରିବନି । ତେଣୁ ଈଶ୍ୱରଙ୍କୁ ବି ଭକ୍ତର ଦୁଃଖ ଜଣାଇବା ପାଇଁ ପୁରୋହିତ ବର୍ଗର ମଧ୍ୟସ୍ଥିମାନେ କାମ କଲେ । ସେମାନେ ଅବଶ୍ୟ ଏହି କାମ ମାଗଣାରେ ନ କରି, ଦାନ ଦକ୍ଷିଣା ନାମରେ ବେଶ୍ ଦୁଇପଇସା ରୋଜଗାର କରିପାରିଲେ ।

ବିଭିନ୍ନ ଧର୍ମଶାସ୍ତ୍ର ମଧ୍ୟରୁ ତନ୍ତ୍ର ମନ୍ତ୍ର ଲେଖାଥିବା ଗ୍ରନ୍ଥ ଗୁଡ଼ିକର ଗୁରୁତ୍ୱ ବେଶି । କାରଣ ମଣିଷର ସମସ୍ୟାକୁ ତତ୍କାଳୀନ ଭିତ୍ତିରେ ସମାଧାନର ସୂତ୍ର ଏହି ସବୁ ଗ୍ରନ୍ଥରେ ଅଛି ବୋଲି ଦାବୀ କରାଯାଏ । କିଏ ବା ନ ଚାହେଁ, ସମସ୍ୟାର ଆଶୁ ସମାଧାନ ? ତାନ୍ତ୍ରିକ ମାନଙ୍କ ଦାବି ଅନୁସାରେ - (କ) ତନ୍ତ୍ର ମନ୍ତ୍ରରେ ଅଦ୍ଭୁତ ଶକ୍ତି ରହିଛି । (ଖ) ତନ୍ତ୍ର ମନ୍ତ୍ରର ଅଲୌକିକ ସିଦ୍ଧି ଦ୍ୱାରା ଅସମ୍ଭବ ଲାଗୁଥିବା କାମ ସହଜରେ ସିଦ୍ଧ ହୋଇଯିବ । (ଗ) ଶୂନ୍ୟରେ ବିଚରଣ କରୁଥିବା ଅତୃପ୍ତ ଆତ୍ମାମାନଙ୍କୁ ତନ୍ତ୍ର ମନ୍ତ୍ର ଦ୍ୱାରା ନିୟନ୍ତ୍ରଣ କରିହେବ । ସେମାନଙ୍କୁ ବଶୀଭୂତ କରି ମଣିଷ ମାନଙ୍କ ଫାଇଦା ପାଇଁ ବ୍ୟବହାର କରିହେବ । (ଘ) ମନ୍ତ୍ର ଦ୍ୱାରା ଭୂମିଗତ ଗୁପ୍ତ ସମ୍ପତ୍ତିର ସନ୍ଧାନ କରିବା ସମ୍ଭବ । (ଚ) ଲଟେରୀ ଟିକଟରେ ଜିତିବା ନମ୍ବରକୁ ଜାଣିବା ସମ୍ଭବ । (ଛ) ହଜାର ହଜାର କିଲୋମିଟର ଦୂରରେ ରହୁଥିବା ପ୍ରିୟଜନଙ୍କ ହାଲଚାଲି ସଂପର୍କରେ ଜାଣିହେବ । ଏହି ଭଳି ଏକ ଉଦାହରଣ ମୁଁ ପାଇଛି ଭୁବନେଶ୍ୱରର ଜଣେ ବରିଷ୍ଠ ଓକିଲଙ୍କ ଅନୁଭବ ଶୁଣି । ସେ କହିଲେ, 'ଆମେରିକାରେ ରହୁଥିବା ମୋ ଝିଅ ବର୍ତ୍ତମାନ କଣ କରୁଛି, ଜାଣିବା ପାଇଁ ମୋର ଜଣେ ପରିଚିତ ସିଦ୍ଧ ପୁରୁଷଙ୍କୁ ପଚାରିବାରୁ ସେ ଯାହା ଯାହା କହିଲେ, ପରେ ମୁଁ

ଫୋନ୍ କରି ଜାଣିଲି, ମୋ ଝିଅ ସବୁ ସତ ବୋଲି କହିଲା ।' ଏହି ଭଳି ଅନୁଭବ କରିଥିବା ଜଣେ ଶିକ୍ଷିତ ଓ ଭଦ୍ରବ୍ୟକ୍ତିଙ୍କ କଥାକୁ କିଏ ବା ଅସ୍ୱୀକାର କରି ପାରିବ ? ଏ ଭଳି ଗାଲୁଆଙ୍କ ଅଭାବ ନାହିଁ ।

ଏଇଠି ପ୍ରଶ୍ନ ଉଠୁଛି, ଯଦି ବାସ୍ତବରେ ସିଦ୍ଧ ପୁରୁଷଙ୍କ ଦାବି କରୁଥିବା ଜ୍ଞାନ ସତ ହୋଇଥାଏ, ତେବେ ଆମ ଦେଶରେ ବାସ କରୁଥିବା ଅସଂଖ୍ୟ ଦୁଃଖୀ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଆଦି ଦୂର ହୋଇପାରୁନି କାହିଁକି ? କୌଣସି ତାନ୍ତ୍ରିକ ତାଙ୍କର ଭୂତମାନଙ୍କୁ ପଠାଇ ଆମ ଦେଶର ଶତ୍ରୁମାନଙ୍କୁ ପରାସ୍ତ କିମ୍ବା ନିପାତ କରିଦେଉ ନାହାନ୍ତି କାହିଁକି ? ଅନ୍ୟମାନଙ୍କ କଥା ଛାଡ଼ନ୍ତୁ ସେମାନେ ନିଜ ପରିବାର ଲୋକଙ୍କ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଡାକ୍ତର ପାଖକୁ ଦୌଡୁଛନ୍ତି କାହିଁକି ? ତାଙ୍କ ଘରେ ଚୋରୀ, ଡକାଏତି ହେଲେ ପୋଲିସ ପାଖକୁ ଦଉଡୁଛନ୍ତି କାହିଁକି ?

ଅସଲ କଥା ହେଉଛି ଯେ ତନ୍ତ୍ର ମନ୍ତ୍ରର କୌଣସି ଶକ୍ତି ନାହିଁ । କେତେକ ଧୂର୍ତ୍ତ ଓ ଠକ ପ୍ରକୃତିର ଲୋକ ଏହି ବିଦ୍ୟା ସାହାଯ୍ୟରେ ଧର୍ମଭୀରୁ ଲୋକମାନଙ୍କ ମସ୍ତିଷ୍କକୁ ସଫା କରିଦେଇ ଧନ ରୋଜଗାରର ଏକ ସହଜ ଓ ସରଳ ରାସ୍ତା ବାଛି ନେଇଛନ୍ତି । ସେମାନେ ହାତ ସଫେଇ କଳା କିମ୍ବା ବିଜ୍ଞାନ କୌଶଳକୁ ବ୍ୟବହାର କରି ଲୋକମାନଙ୍କୁ ପ୍ରଭାବିତ କରିପାରୁଛନ୍ତି । ଉଦାହରଣ - ଶୂନ୍ୟରେ ହାତ ହଲେଇ ବିଭୂତି, ମୁଦି, ତାବିଜ ଆଦି ପ୍ରକଟ କରିବା ଏକ ସାଧାରଣ ହାତ ସଫେଇ ବା କଳା । ଜାଦୁଗର ମାନେ ମନୋରଞ୍ଜନ ପାଇଁ ଏଭଳି ଖେଳ ଦେଖେଇଥାନ୍ତି । ସେହି ଭଳି ପଟାସିୟମ୍ ପର୍‌ମାଙ୍ଗାନେଟ୍ ଉପରେ ଗ୍ଲିସେରିନ୍ ଢାଳିଲେ ନିଆଁ ଜଳିଉଠିବା ଏକ ରାସାୟନିକ ପ୍ରକ୍ରିୟା । ଏ ସବୁ କୌଣସି ଭୂତ, ପ୍ରେତ କିମ୍ବା ଆତ୍ମାର କାମ ନୁହେଁ ।

ଧାର୍ମିକ ଲୋକର ଦୁର୍ବଳତା ହେଉଛି ସେ ପୂର୍ବାଗ୍ରହ ରହିତ ଏବଂ ନିଷ୍ପକ୍ଷ ଭାବରେ ପ୍ରକୃତିର ଗୁଣ ଓ ଧର୍ମକୁ ଅଧ୍ୟୟନ କରିବାକୁ ଚାହୁଁନି । କାରଣ ଏହା ଦ୍ୱାରା ପିଲାଟି ଦିନରୁ ଗଢ଼ି ଉଠିଥିବା ଧର୍ମୀୟ ଆସ୍ଥାର କାଳ୍ପନିକ ମହଲଟି ଭୁଷୁଡ଼ି ପଡ଼ିବାର ଭୟ ରହିଛି । ସେ ବୁଝିପାରେ ନାହିଁ ଯେ ପ୍ରକୃତିର ଗୁଣ, ଧର୍ମ, କାରଣ ଓ କାର୍ଯ୍ୟଶୈଳୀରେ ଚମତ୍କାରର କୌଣସି ସ୍ଥାନ ନାହିଁ ।

ଭୂତ, ପ୍ରେତ, ଡାହାଣୀ ଓ ବ୍ରହ୍ମରାକ୍ଷାସର କୌଣସି ଅସ୍ତିତ୍ୱ ନାହିଁ । ଏହା ଆଜିର ବିଜ୍ଞାନ ପ୍ରମାଣ

କରସାରଲାଣି । ତଥାପି ପରମ୍ପରାକ୍ରମେ ଶୁଣି ଶୁଣି ଅଜ୍ଞାନତାବଶତଃ ଅନେକ ମଣିଷ ଭୂତ, ପ୍ରେତ ଆଦି ଭ୍ରମାତ୍ମକ ଜାଲରେ ଛନ୍ଦି ହୋଇ ରହିଛନ୍ତି । ସେହିଭଳି ଗ୍ରହ, ନକ୍ଷତ୍ର, ରାଶି, ଲଗ୍ନ, ଦଶାଶୂଳ, ଶୁଭ ଅଶୁଭ ମୁହୂର୍ତ୍ତ, ତନ୍ତ୍ର ମନ୍ତ୍ର ଆଦି କାଳ୍ପନିକ ଜଗତରେ ନିଜର ଶାନ୍ତି ଖୋଜି ବୁଲୁଛନ୍ତି ।

ପ୍ରଶ୍ନ ଉଠୁଛି - ପୃଥିବୀରୁ କୋଟି କୋଟି କିଲୋମିଟର ଦୂରରେ ଥିବା ଗ୍ରହ ଓ ନକ୍ଷତ୍ର ଗୁଡ଼ିକ ପୃଥିବୀର କେବଳ ମଣିଷ ଉପରେ ହିଁ କାହିଁକି ଶୁଭ ବା ଅଶୁଭ ପ୍ରଭାବ ପକାଉଛନ୍ତି ? ବିଡ଼ମ୍ବନା ହେଉଛି ଯେ କେବଳ ସାଧାରଣ ଲୋକ ନୁହେଁ, ବଡ଼ ବଡ଼ ଜ୍ଞାନୀ, ବୁଦ୍ଧିଜୀବି, ଡାକ୍ତର, ଇଞ୍ଜିନିୟର, ଏପରି କେତେକ ଭୌତିକ ବିଜ୍ଞାନର ପ୍ରାଧ୍ୟାପକ ମାନେ ବି ଗ୍ରହଦୋଷକୁ ମାନୁଛନ୍ତି । ସେହି ମାନଙ୍କୁ ଦେଖି ଶୁଣି ସାଧାରଣ ଜନତା ଆହୁରି ବେଶୀ ବିଶ୍ୱାସ କରୁଛନ୍ତି ।

ପୁରୁଣା ଯୁଗର ଅନ୍ଧବିଶ୍ୱାସ ଆଜିର ବୈଜ୍ଞାନିକ ପ୍ରଯୁକ୍ତି ଯୁଗରେ ବି ଜନମାନସରେ ଗଭୀର ଆସ୍ଥାନ ଜମାଇ ବସିଛି । ଗୁଣିଆ ବା ତାନ୍ତ୍ରିକ ମାନଙ୍କ ଯୋଗୁଁ ପ୍ରତିଦିନ ନଷ୍ଟ ହେଉଥିବା ଧନ ଓ ଜୀବନର ଖବର ଦେଖିବାକୁ ଓ ଶୁଣିବାକୁ ମିଳୁଛି । ଯଦି ସେମାନଙ୍କ ବିଦ୍ୟାରେ ଅଦ୍ଭୁତ ଶକ୍ତି ରହିଥାନ୍ତା, ଆଜି ଶହ ଶହ ଗୁଣିଆ, ତାନ୍ତ୍ରୀକ, ବାବା, ସିଦ୍ଧପୁରୁଷ ଜେଲରେ ସଢ଼ୁଛନ୍ତି କାହିଁକି ? କେତେକ ଲୋକ ଯୁକ୍ତିକରି କହନ୍ତି, 'ତନ୍ତ୍ର ମନ୍ତ୍ରର ସମ୍ପୂର୍ଣ୍ଣ ଜ୍ଞାନ ନଥାଇ ଯେଉଁମାନେ କାମକରନ୍ତି, ସେହି ମାନେ ଏଇ ଭଳି ଦୁର୍ଦ୍ଦଶା ଭୋଗ କରନ୍ତି । ଯେଉଁମାନଙ୍କର ପ୍ରକୃତ ତାନ୍ତ୍ରୀକ ଜ୍ଞାନ ଅଛି ସେହିମାନେ ସଫଳତାର ସହ ଜନତାଙ୍କ ସେବା କରୁଛନ୍ତି ।'

ସେହି ମାନଙ୍କୁ ଆମେ ପ୍ରଶ୍ନ କରୁଛୁ - ସିଦ୍ଧ ତାନ୍ତ୍ରୀକମାନେ ଆଜି ପର୍ଯ୍ୟନ୍ତ 'ଭାରତୀୟ ହେତୁବାଦୀ ସଂଗଠନ'ଦ୍ୱାରା ଦିଆଯାଇଥିବା ଆହ୍ୱାନ ସ୍ୱୀକାର କରି, ଏକ କୋଟି ଟଙ୍କାର ଉପହାର ରାଶି ଗ୍ରହଣ କରିବାପାଇଁ ଆଗେଇ ଆସୁନାହାନ୍ତି କାହିଁକି ? କଥାରେ ଅଛି, 'ନେଇ ଆଣି ଥୋଇ ଜାଣିଲେ, ଚୋରି କାମଟି ଭଲ ।' ଏହି ନୀତିର ସତର୍କତାପୂର୍ବକ ଯେଉଁମାନେ ଲୋକମାନଙ୍କୁ ଠକି ଚାଲିଛନ୍ତି, ସେମାନେ କାନୁନର ଜାଲରେ ପଡ଼ିନାହାନ୍ତି । ଏହାର ଅର୍ଥ ନୁହେଁ ଯେ ସେମାନେ ଯାହା କରୁଛନ୍ତି ସବୁ ସତ୍ୟ ।

ମଜା କଥା ହେଉଛି, ଆଜି ଅନେକ ଶିକ୍ଷିତ ଜ୍ୟୋତିଷ, ତାନ୍ତ୍ରୀକ ଓ ବାବାମାନେ ତନ୍ତ୍ର ମନ୍ତ୍ରକୁ

ବଜ୍ଞାନ ସମ୍ମତ ବଦ୍ୟା ହସାବରେ ପ୍ରମାଣିତ କରବାପାଇଁ ବଭନ୍ନ ତର୍କ ଓ ଉପାୟ ଖୋଜୁଛନ୍ତ । ପ୍ରଶ୍ନ ଉଠୁଛ - ତୁମର ତନ୍ତ୍ର ମନ୍ତ୍ର ଯଦ ସମ୍ପୂର୍ଣ୍ଣ ସତ୍ୟ ଓ ଅଦ୍ଭୁତ ଶକ୍ତିସମ୍ପର୍ନ୍ନ ବଦ୍ୟା, ତେବେ ତାକୁ ବଜ୍ଞାନ ସହତ ତୁଳନା କର ଠିକ ବୋଲ ପ୍ରମାଣିତ କରବା କଣ ଆବଶ୍ୟକ ? ଏହାର ସିଧା ଅର୍ଥ ହେଉଛ ଯେ ତୁମେ ବଜ୍ଞାନ ହିଁ ସତ୍ୟର ଏକ କଷଟି ପଥର ବୋଲ ବୁଝିପାରଛ ଏବଂ ସନ୍ଦେହ ସୃଷ୍ଟି କରୁଥିବା ତୁମର ବଦ୍ୟାକୁ ବଜ୍ଞାନ ସମ୍ମତ କହ ବଜାରରେ ବକ୍ରୀ କରବାକୁ ଚାହୁଁଛ ।

ଅନ୍ଧ ବଶ୍ୱାସର ପ୍ରଚାର ପ୍ରସାରରେ ଆଜ ଗଣମାଧ୍ୟମ ଏକ ମୁଖ୍ୟ ଭୂମିକା ଗ୍ରହଣ କରଛ । ସାହତ୍ୟ ପତ୍ରିକା କମ୍ବା ଖବର କାଗଜ ହେଉ, ସମ୍ପାଦକମାନେ ବଢ଼େଇ ଚଢ଼େଇ ଭୂତ ପ୍ରେତ ବଶେଷାଙ୍କ, ତନ୍ତ୍ର ମନ୍ତ୍ର ବଶେଷାଙ୍କ ପ୍ରକାଶ କର ଯଥେଷ୍ଟ ଲାଭବାନ ହେଉଛନ୍ତ । ଟିଭ ଚ୍ୟାନେଲମଧ ଦର୍ଶକମାନଙ୍କୁ ପ୍ରଭାବତ କରବାପାଇଁ ବୈଦ୍ୟୁତକ ଗଣମାଧ୍ୟମ ସାହାଯ୍ୟରେ ଅନେକ ବଚତ୍ର ଓ ଅଦ୍ଭୁତ ଦୃଶ୍ୟ ପ୍ରଦର୍ଶନ କରଥାନ୍ତ । ପତ୍ରିକାର ସମ୍ପାଦକ ଏବଂ ଟିଭ ଚ୍ୟାନେଲର ମାଲକମାନେ ଧନ ଲୋଭରେ ଜନତାଙ୍କ କେତେ ବଡ଼ କ୍ଷତ କରୁଛନ୍ତ ତାହା ସେମାନେ ବୁଝିବାକୁ ଚାହୁଁ ନାହାନ୍ତ । ଜନ ସାଧାରଣଙ୍କ ରୁଗ୍ଣ ମାନସିକତାକୁ ସୁସ୍ଥ କରବାପାଇଁ ହେତୁବାଦୀ ବଚାର ଓ ସାହତ୍ୟର ଆଜ ଯଥେଷ୍ଟ ଆବଶ୍ୟକତା ରହଛ । ସୁଖର କଥା ଯେ ଅନେକ ମୁକ୍ତ ଚନ୍ତକ, ସାହାସୀ ସମ୍ପାଦକ, ହେତୁବାଦୀ ବଚାରଧାରାକୁ ପ୍ରକାଶ କରୁଛନ୍ତ । ସେମାନଙ୍କୁ ଆମେ ଅଭନନ୍ଦନ କରବା ସହତ ଧନ୍ୟବାଦ ଜଣାଉଛୁ ।

ବାଙ୍ଗାଲୋର, ୦୮୦୮୩୨୪୭୭୮

# ସର୍ବେ ହୁଅନ୍ତୁ ନିରାମୟ

ଡା ସୌମ୍ୟ ରଞ୍ଜନ ମିଶ୍ର



ଓଡ଼ିଶା ଭଗ୍ନ ସ୍ୱାସ୍ଥ୍ୟ ସେବା
ଏକଥା କାହାକୁ କହିବା ।
ଟିକଟ ମୂଲ୍ୟ ପାଞ୍ଚଟଙ୍କା
ଠିକଣା ରହୁନାହିଁ ଲେଖା ।
ଡାକ୍ତର ଦ୍ୱିତୀୟ ଈଶ୍ୱର
ପଢ଼ି ହୁଏନି ତାଙ୍କ ଠାର ।
ଚେଲାଙ୍କୁ ହାତ ଗୁଞ୍ଜା ଦେଲେ
ନମ୍ବର ଆଗକୁ ଧପାଲେ ।
ହାତଗୁଞ୍ଜା ଯେ ନ ଦିଅଇ
ବାହାରେ ପଡ଼ିକି ମରଇ ।
କିନ୍ତୁ ଏମ୍. ଆର୍ ବଡ଼ପୁଅ
ତାଙ୍କୁ ପ୍ରଥମେ ବାଟ ଦିଅ ।
ଅନେକ ସ୍ଥାନେ ଡାକତର
ନିଜର ବେପାରେ ବିଭୋର ।
ତାଙ୍କ ସ୍ଥାନରେ ଅନ୍ୟ କିଏ
ନିଜକୁ ଡାକ୍ତର ବୋଲାଏ ।
ସବୁ ପ୍ରକାର ବାଧା ସତ୍ତ୍ୱେ

ସରକାର ଯେ ଦୃଢ଼ ଚତ୍ତେ ।
ଆଣିଲେ ଚଜ ଜନୌଷଧି
ଏହା ଯେ କମ୍ପାନୀ ବରୋଧୀ ।
ଅଳପ ଦେଇକର ମୂଲ
ଗରବ ହେଉଥିବେ ଭଲ ।
ମାଗଣା ଖିଆ ଓଡ଼ିଆଙ୍କୁ
ଆଉ କୁଢ଼ିଆ କରବାକୁ ।
ନଗମ ଖୋଲ ସରକାର
ଔଷଧ ପାଞ୍ଚ ଶ' ପ୍ରକାର ।
ଲୋକଙ୍କୁ ମାଗଣା ବାଣ୍ଟିବେ
ଜନମତକୁ ସାଉଁଟିବେ ।
ଉତ୍ତମ ଏମନ୍ତ ବଚାର
କଏ ବା ଅଛ ବାଦୀ ତାର ।
କନ୍ତୁ କେନ୍ଦ୍ର ସରକାର
ଏହାକୁ କରବାକୁ ଭଣ୍ଡୁର ।
ଯୋଗକୁ ନେଇ ଘରେ ଘରେ
ପହଞ୍ଚାଇବେ ଅତ ଖରେ ।
ଯୋଗ ଯେ ନହାତ ମାଗଣା
ପେଟରେ ଯଦ ଅଛ ଦାନା ।
ସମସ୍ତେ ହୋଇବେ ନୀରୋଗ
ଗୁଡ଼ିକ ପଳାଇବେ ରୋଗ ।

ରାଜ୍ୟ ସରକାରଙ୍କ ଯୋଜନା
ଖଙ୍ଗିକ କରିଦେବେ ଚୁନା ।
ରାଜନୀତର ପେଞ୍ଚ ପାଞ୍ଚ
ସ୍ୱୟଂ ବ୍ରହ୍ମାଙ୍କୁ ଯେ ଅପହଞ୍ଚ ।
ଏତକ ଆମ୍ଭର ବିନତୀ
କାଳିଆଠାକୁରର କତି ।
ସର୍ବେ ହୁଅନ୍ତୁ ନିରାମୟ
ଦୂର ହେଉ ରୋଗର ଭୟ ।

ମଧ୍ୟଖଣ୍ଡି
ଶ୍ରୀ ବଳଦେବ ଜୀଉ
କେନ୍ଦ୍ରାପଡ଼ା -୭୫୪୨୧୨
ମୋବାଇଲ୍ - ୯୯୩୭୩୭୪୩୪୨
ଇମେଲ୍ - dr.srmishra@gmail.com

# ଘଟ ବଭ୍ରାଟ

ହମାଂଶୁ ଶେଖର ବାରକ



ସହସ୍ର ବରଷ ଗୌରବ ଅର୍ଜିତ
ଜଗନ୍ନାଥ ସଂସ୍କୃତ ବଶ୍ୱ ବନ୍ଦିତ;
ଅପରୋକ୍ଷ ଲୀଳା ଯୁଗ ଅବତାର
ରହସ୍ୟ ଯାହାର ନୁହଁଇ ଗୋଚର ।

ବ୍ରହ୍ମ ପରବର୍ତ୍ତନ ଯେ ଦବ୍ୟ ଲୀଳା
ଅନାଦ କାଳରୁ କରୁଛନ୍ତ ଖେଳା;
ଭକତର ହୃଦେ ଆନନ୍ଦ ଲହରୀ
ନବକଳେବର ଧରବେ ଶ୍ରୀହର ।

ଦଇତାପତ ମନ୍ଦିର ପ୍ରଶାସନ
ନବକଳେବର କାର୍ଯ୍ୟ ସଂପାଦନ;
କରବାକୁ ହୋଇଥିଲେ ଯେ ନଯୁକ୍ତ
ସରକାରଙ୍କର ହୋଇଣ ବଶ୍ୱସ୍ତ ।

ପନ୍ଦର ଜୁନ ଦ୍ୱସହସ୍ର ପନ୍ଦର
ବ୍ରହ୍ମ ପରବର୍ତ୍ତନ ତାରଖ ସ୍ଥିର ;
ଗୋପନେ ନୀତ ହେଉଥିଲା ସଂପନ୍ନ
ନଶାର୍ଦ୍ଧେ ହେବ ଘଟ ପରବର୍ତ୍ତନ ।

ଭବଲା ଜଗତ କାର୍ଯ୍ୟ ସଂପାଦତ
ଭକତ ହୋଇଲେ ହର୍ଷୋତ୍ ଫୁଲ୍ଲତ ;
ବଧିର ବଧାନ ଅତୀବ ବଚତ୍ର
ହରଷ ହୋଇଲା ଦୁଖେ ପରଣତ ।

ମିଳିଲା ସଂବାଦ କର ଆଚମ୍ବିତ
ବ୍ରହ୍ମ ସଂସ୍ଥାପନ ହେବ ବଳମ୍ବିତ ;

ଦଇତାପତିଙ୍କ ଅନ୍ତର ବିବାଦ
କାର୍ଯ୍ୟ ସମାପନେ ଘଟିଲା ବିଳମ୍ବ ।
ବ୍ରାହ୍ମ ମୂହୂର୍ତ୍ତ ବଦଳେ ଦ୍ୱିପ୍ରହରେ
ଘଟ ପରିବର୍ତ୍ତନ କଲେ ଠାକୁରେ ;
ଅନାଦି ପରମ୍ପରା ହେଲା ଭଗନ
ମହାନ ସଂସ୍କୃତି କରି ଅପମାନ ।
ଭକତି ଭାବରେ ଖେଳିଲେ ଯେ ଖେଳ
ପ୍ରଶାସନ କ୍ଷମତା ହେଲା ଦୂର୍ବଳ;
ଦଇତାପତିଙ୍କ ହୀନ ଅହମିକା
ଗୃପରେ ହୋଇଲେ ସରକାର ବୋକା ।
ତାପରି ଖବର ଅତି ସାଂଘାତିକ
ପରସ୍ପର ଆରୋପ ହେଲା ପ୍ରଘଟ ;
ଦଇତା ବୋଇଲେ ଦାରୁ ଥିଲା ପୋଲା
ମୂରତି ନିର୍ମାଣେ ବିଳମ୍ବ ହୋଇଲା ।
ବିରୋଧିମାନେ ଯେ କଲେ ଅଭିଯୋଗ
ଦଇତା ଉଠାଇଲେ ବ୍ରହ୍ମଙ୍କ ଫଟ ;
ଲକ୍ଷାଧିକ ଅର୍ଥ ହେଲା କାରବାର
ଗୁପ୍ତ ବ୍ରହ୍ମ ଫଟୋ ଆସିଲା ବଜାର ।
ସେବା ନାମେ ଏହି କୁତ୍ସିତ ଆଚାର
ସ୍ତବଧ କରିଇଛି ସାରା ସଂସାର ;
ଜଗନ୍ନାଥ ସଂସ୍କୃତି ଅପମାନିତ
ଉତ୍କଳ ଗୌରବ ହେଲା ବିପର୍ଯ୍ୟସ୍ତ ।
ଜାଗରେ ଜାଗରେ ଉତ୍କଳର ସୁତ
ପ୍ରତିରୋଧ କର ଏ ହୀନ ଚକ୍ରାନ୍ତ ;
ସ୍ୱାର୍ଥ ପରିଭୂତ ହୀନ ପ୍ରଶାସନ
ବିତାଡିତ କର କରି ଆନ୍ଦୋଳନ ।

# ଅବୁଝା ମନ

ସୁକାନ୍ତ ଖେଡୁଆଳ ସିଂହ



ଲେଖୁଛି ମୁଁ ଆଜ          ତୁମ ପାଇଁ ପଦେ
    ମୋ ମନ ଭବକୁ ନେଇ,
ମନରେ ମୋହର          ବରହ ବେଦନା
    ତୁମ ପ୍ରତାରଣା ପାଇଁ ।
ହସି ହସି ତୁମେ          ଭୁଲଗଲ ମୋତେ
    କରଦେଲ ସାତ ପର,
ପିନ୍ଧିଲ ମଥାରେ          ଅନ୍ୟର ସିନ୍ଦୁର
    ଗଢ଼ିଲ ସୁନାସଂସାର ।
ତୁମ ଖୁସି ପାଇଁ          ତୁମକୁ ଭୁଲଲ
    ମୋ ଭଗ୍ୟ ମୁଁ ଆଦରଲ,
ତୁମ ଜୀବନରେ          ଖୁସିଟିକେ ପାଇଁ
    ମନ୍ଦିରେ ଦୀପ ଜାଳଲ ।
ହେଲେ ତୁମ ଭଗ୍ୟ          ତୁମ ମନେ ଆଜ
    ଭର ଦେଇଅଛ ଦୁଃଖ,
ମୋର ଅଭଶାପେ          ତୁମେ ଦୁଃଖ ପାଅ
    କୁହନ୍ତ ଦୁନଆ ଲୋକ ।
ଆଖିରୁ ମୋହର          ଶ୍ରାବଣ ଝରଇ
    ତୁମ ଦୁଃଖ ଯେବେ ଶୁଣେ,
ଆଜ ବ ରହଛି          ତୁମ ପାଇଁ ପ୍ରେମ
    ମୋର ଏ ଅବୁଝା ମନେ ।

ବନ୍ଦାଲୋ, କୋଣାର୍କ, ପୁରୀ

# କିଛି ସ୍ୱପ୍ନ... ! ! !

ରବିନ୍ଦ୍ର ପାଣିଗ୍ରାହି



ହେଇଟି ... ?
ସବୁବେଳେ ବାହାନା ନୁହେଁ ?
ସମ୍ପର୍କ ବଢ଼ିବାକୁ କ'ଣ
ଗତଟିଏ କହାଡ ଜରୁରୀ ?
ଏମିତ ହାଟ ସଉଦାରୁ ବ ହେଇଯାଏ ମ... ! ! !

ଥାଉ,
ଆଉ କୁହନ ସେ
ଗତର ଅକୁହା କଥା
ନ ହେଲେ ଖୋଲିଯିବ କୁଆଁରୀ
ମନର ଲାଜଗହଣା
ଆଉ ଗଭିରୁ ଗଜର ।

ଭଲ ଲାଗେ
ଏକା ଏକା ଜହ୍ନ ରାତରେ
ତୁମ ପାଖରେ ଆଉ ତୁମ
ଛାତରେ... ।

ଶୁଣ ମ !
ଆଖି ଲୁହ କେବେ
ଧୁଏନ ଦୁଃଖ କମ୍ବା
ସୁତା ଖିଅରେ ଲୁଚେନ ଲାଜ

କହିବ ?
ଗଡକୁ ସାଥିଟିଏ
ସାଗରକୁ ନଦୀଟିଏ
ଆଉ
ବାଟକୁ... ବାଟୋଇ ଟିଏ ।

ଜାଣିଥାଅ... !
ତୁମେ କହିଲେ ମୁଁ
ଫେରଆଣି ଥାନ୍ତି ତୁମ
ପାଖକୁ ମୋତ ହୋଇ
ଶାମୁକା ଭିତରକୁ ।

ଯେମିତ,
ଗତକୁ ସପନ ଆଉ
ବୟସକୁ ଯୌବନ

ହେଲେ
ଦରକାର କଣ ?

କିଛି ସ୍ୱପ୍ନ
ସ୍ୱପ୍ନ ହୋଇ ରହିଲେ
ଭଲଲାଗେ ! !

panigrahy.rabindra19@gmail.com

# ତୋତେ ଝୁରି ଝୁରି

ପ୍ରଶାନ୍ତ କୁମାର ନାଥ



ମୋ ପ୍ରିୟାର ଚିଠି ପାଇଛି ଆଜି ମୁଁ

ବାହାଘର ତାର ଲେଖିଛି

ଭଙ୍ଗା ମନନେଇ କେମିତି ଯିବି ମୁଁ

ସେହି କଥା ଖାଲି ଭାବୁଛି ।

କେମିତି ଦେଖିବି ବଧୁବେଶ ତାର

କେମିତି ଏ ମନ ସହିବ

ଯେତେ ବୁଝେଇଲେ ଅବୁଝା ମନକୁ

ମନଟାକି ସତେ ବୁଝିବ ।

କି ଉପହାର ଅବା ଦେବି ପ୍ରିୟାକୁ

ଦେଖିକି ତା କନିଆଁ ବେଶ

ଆଖିର ଲୁହକୁ ଓଠରେ ଗୃପି ମୁଁ

କେମିତି ଗୋ କହ ହସିବ ହସ ।

ଚିଠିରେ ଦେଇଛି ଗୁଣ ଯେ ତାହାର

ନିମନ୍ତ୍ରଣ କରି କହିଛି

ଶେଷ ଥର ସିଏ ଦେଖିବ ବୋଲିକି

ମନ ପରି ତାର ଗୃହିଁଛି ।

କନିଆଁ ବେଶରେ ଦେଖିଦେଲେ ତାକୁ

ଆଖିରୁ ମୋ ଲୁହ ଝରିବ
ମଥାର ଚନ୍ଦନ ହାତର ମେହେନ୍ଦୀ
ମୋ ପାଇଁ ବଜର ପଡ଼ିବ ।
କେମିତ ଭଙ୍ଗିବ ଋଣ ମୁଁ ତାହାର
ସେ କଥା ଆଜ ମୁଁ ଭାବୁଛି
ଶେଷ ଦେଖାପାଇଁ ଋଣ ଖାଇ ସିଏ
ଅନୁରୋଧ ପଗ୍ କରୁଛି ।
ଆଖିର ଲୁହକୁ ଓଠରେ ପିଇ ମୁଁ
ଯିବ ବୋଲି ମନେ ଭାବୁଛି
ସିଏ ସିନା ହେବ ଆଉ କାହାର ଯେ
ମୁଁ ତ ତାକୁ ଭଲ ପାଉଛି ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତପୂର, ଯାଜପୁର

ଦଶମ ବର୍ଷ, ସପ୍ତମ ସଂଖ୍ୟା
ଜୁଲାଇ, ୨୦୧୫



# ସମୟର ଅଟ୍ଟହାସ୍ୟ

ରଞ୍ଜନ କୁମାର ସ୍ୱାଇଁ



ଅଜାଲେ ଅଜା ମନେ ମନେ ଖାଉଥା ଖଜା
ରାବଣ ରାଇଜ ଚାଲିବ, ରାମ ଏଠି ଆଉ ହେବେନି ରାଜା ।
ଅର୍ଥବଳ ଖାଲି ରାଜାର ମାନକ, ଯୋଗ୍ୟତାର ନାହିଁ ସ୍ଥାନ
ମଦମାଂସ ଯହିଁ ମୁଣ୍ଡ ବିକିଦିଏ, କାହାପାଇଁ ଅଭିମାନ ।
ଅଜାଲେ ଅଜା ମନେ ମନେ ଖାଉଥା ଖଜା,
ଗରିବକୁ ଦେଇ ଚାଉଳ, ଲୁଟୁଛନ୍ତି ଏହି ମହଲ ମଜା ।
ଚିଟ୍‌ଫଣ୍ଡବାଲା ଲୁଟି ନେଇଗଲେ ଶାସକଙ୍କୁ ନାହିଁ ଜଣା
ଯାହାକୁ ନେଇ ଖାଲି ରାଜନୀତି ସିନା, ଫମ୍ପାଲାଗେ ଆଶ୍ୱାସନା ।
ଅଜାଲେ ଅଜା ମନେ ମନେ ଖାଉଥା ଖଜା
ବଡ଼ଲୋକ ପିଲେ ଅଧିକାରୀ ହେବେ, ଗରିବର ପୁଅ ଟେକିବ ବୋଝ ।
ପାଠପଢ଼ା ଖର୍ଚ୍ଚ ଆକାଶ ଛୁଇଁଲା, ଗରିବ ହାତ କି ପାଇବ
ଶିକ୍ଷା ଅଧିକାର ମାନକକୁ ଦେଖି, ଆସ୍ପର୍ଦ୍ଧା କି ଜିତିପାରିବ ।
ଅଜାଲେ ଅଜା ମନେ ମନେ ଖାଉଥା ଖଜା
ଗୁଲିଖଟିରେ ପୁଅ ସମୟ କାଟଇ, କାଫେରୁ ଖାଇଣ ମଟନ ପିଜା
ମାଆବାପ ମୁଣ୍ଡେ ଭାଲେଣି ପଡ଼ଇ, ବେକାରୀ ସମସ୍ୟା ଦେଖି
ବୁଝାଇ ବୁଝାଇ ସଭିଏଁ ଥକିଲେ, ପୁଅର ଖୋଲୁନି ଆଖି ।
ଅଜାଲେ ଅଜା ମନେ ମନେ ଖାଉଥା ଖଜା
ମାଫିଆ ପାଉଛି ପ୍ରଶ୍ରୟ, ସତ୍ୟବାଦୀ ଏଠି ଭୋଗଇ ସଜା ।
ସୂଚନା ଅଧିକାର ଆସିଲା ଖାଲି ଭଜନା ମାଳ

ସୂଚନା ଯିଏ ମାଗେ ଖାଏ ସେ ଗୁଳିରେ ଗୁଳ ।
ଅଜାଲୋ ଅଜା ମନେ ମନେ ଖାଉଥା ଖଜା
ମଣିଷପଣିଆ ଅଭାବ ବଢୁଅଛି ଖାଲି ମନ୍ଦିର ଗୀର୍ଜା ।
ଭାଇ କାଟିଦଏ ଭାଇର ତଣ୍ଟି, ପତ୍ନୀକୁ ମାରଇ ପତି
ବୁଢ଼ା ମାଆବାପା ଭୋକ ଉପାସରେ, କାଟୁଛନ୍ତି ଦିନଗତି ।
ଅଜାଲୋ ଅଜା ମନେ ମନେ ଖାଉଥା ଖଜା
ନାରୀ ଧର୍ଷଣ ବଢୁଛି, ଯେଉଁଦେଶେ ନାରୀ ପାଆନ୍ତି ପୂଜା
କେବେ ସବୁ ନାରୀ ଶିକ୍ଷିତ ହୋଇବେ, ବଦଳିବେ ଲୋକ ମାନସିକତା
ସୁରକ୍ଷା ପାଇବେ ମହିଳା, ବଢ଼ିବ ନାରୀର ସମ୍ମାନ ଗାଥା ।
ଅଜାଲୋ ଅଜା ମନେ ମନେ ଖାଉଥା ଖଜା
ଥିଲେ ଥାଉ ପଛେ କୋଟିଏ, ଉପୁରି ନେବାକୁ ଲାଗେନା ଲଜ୍ଜା ।
ବିନା ପଇସାରେ କାମ ହୁଏ ନାହିଁ, ଥିଲେ ଥାଉ ଅଧିକାର
ଗ୍ରାହକ ଈଶ୍ୱର ନାଆଁକୁ ମାତ୍ର, ସବୁଠି ଆଡ଼େ ହାହାକାର ।
ଅଜାଲୋ ଅଜା ମନେ ମନେ ଖାଉଥା ଖଜା
ଗୃହକ ପରିକା ଗୃହିଁଥା, ରାମ ଏଠି କେବେ ହୋଇବେ ରାଜା ।
ବଳିଦାନ ଦେଇ କରିଲୁ, ଯେଉଁ ଦେଶ ସ୍ୱାଧୀନ
ଗାଦିରେ ବସିଣ ସେଇ ଦେଶବାସୀ, ଆଜି କରେ ଜନେ ଶୋଷଣ ।

# ରଥପାଇଁ ପଦେ

ସ୍ୱରୂପ କୁମାର ମଲ୍ଲ



ବରଷରେ ଥରେ ଆସେ ରଥ ଯାତ
ଭିଡ଼ ଦର୍ଶନ ପାଇଁ ଜଗତ ଯାକ

ଭକତ ଡୋରରେ ବନ୍ଧା କାଳିଆ ସାଆନ୍ତ
ପ୍ରଭୁ ! ଦେଖିବା ପାଇଁ ତୁମକୁ ମନ ଛଟପଟ

ସଭିଙ୍କ ପାଇଁ ତୁମେ ଦାରୁ ଦଅଁ ଜଗନ୍ନାଥ
ତୁମ ଦର୍ଶନାଭିଳାଷୀ ମୁସଲିମ, ଜୈନ, ଖ୍ରୀଷ୍ଟ

ଦେଖୁ ଦେଖୁ ଗ୍ଭଲିଯିବ ନନ୍ଦିଘୋଷ ରଥ
ବେଗି ଗ୍ଭଲ ଦେଖିବାକୁ ଆମ ରଥ ଯାତ

ଡୋର ଲାଗିନ ବୋଲି ଯାଇ ତ ପାରୁନ
ଓଡିଭ ଅନ କଲେ ଚ୍ୟାନେଲ ଆସୁନ..

ପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟାକୁଳ ମନ
"ଇଣ୍ଟରନେଟ ଲାଇଭ ଟିଭିରେ" କଲି ଦର୍ଶନ

ଧନ୍ୟ ଧନ୍ୟ  ଧନ୍ୟ ପ୍ରଭୁ ତୁମର ମହିମା
ଦରିଆ କୂଳେ ଶ୍ରୀକ୍ଷେତ୍ର ନାହିଁ ତାର ସୀମା

ଦୂରଭାଷ-୦୯୭୭୭୦୮୬୧୮୬ ଇମେଲ-beingswarupmall@gmail.com

# ଅହଲ୍ୟା

ପ୍ରତିଭା ପ୍ରିୟଦର୍ଶିନୀ



"ମୁଁ ତୁମକୁ ଭଲପାଏ'
ଏଇ ଶବ୍ଦ କେତେଟା
ଯାଦୁ କରିଗଲା ଯେମିତି
ମୁଁ ତାଙ୍କର ଏତେ ପାଖାପାଖି ଥିଲିଯେ
ଏକୁଟିଆପଣର ମାନେ ଭୁଲିଗଲି ।
ପ୍ରତିଟି ସ୍ପର୍ଶରେ ସେ ଚେଷ୍ଟା କରୁଥିଲେ
ମୋ'ଠାରେ ଗୁଡ଼ିଯିବାକୁ
ନିଜ ଅଲିଭା ସ୍ୱାକ୍ଷର
ପ୍ରୟାସ ଥିଲି ଦେଇଯିବେ
ଏମିତି ମିଠା ଦରଜଟେ
ଯାହା ମନେପକାଇବ ତାଙ୍କ କଥା ।
ସେ ଚେଷ୍ଟା ଚଳେଇଥିଲେ
ଯେମିତି କିଛି ଭରଣା କରିବାକୁ
ମୁଁ କିନ୍ତୁ ଜାଣେନା କ'ଣ ପାଇଁ
ସେ ଏତେ ଅଭିସାର କରୁଥିଲେ ।
କେବଳ ଏତିକି ଜାଣିଛି
ନିସଙ୍ଗତାରେ ଅଣନିଃଶ୍ୱାସି ହୋଇ
ଟଳି ପଡୁଥିବା ବେଳେ
ତାଙ୍କର ବାହୁରେ ଆଶ୍ରା ପାଇଥିଲି
ତାଙ୍କ ପ୍ରଶ୍ୱାସ ନେଇ ବଞ୍ଚୁ ବଞ୍ଚୁ
କେତେବେଳେ ଅହଲ୍ୟା ହେଇଗଲି......

www.aahwaan.com

# ମରୀଚିକା ସ୍ୱପ୍ନ

ସୌମ୍ୟରଞ୍ଜନ ସାହୁ



ସପନ ଭଙ୍ଗିବ ଜାଣିଥିଲି......
ଏମିତ ଭଙ୍ଗିବ ଜାଣି ନଥିଲି ...
ହଜାରେ ଶ୍ରାବଣ ଭିଯାଏ ତତେ ...
ଖୁସିର ବୁନ୍ଦାଟେ ମିଲୁନି ମୋତେ ...

ଆଲୁଅ ହଜିବ ଜାଣିଥିଲି ..
ଅନ୍ଧାରକୁ ନିଜ କରି ନେଲି ..
ସାଥୀ ତୋ ପାଇଁ ମୁଁ ଜଲୁଛି ଆଜି ..
ପାରୁନି କାହିଁକି ଆଜି ବି ବୁଝି ..


ଲୁହ ମୋ ବୋହିବ ଜାଣିଥିଲି......
ହୃଦୟ କାନ୍ଦିବ ଜାଣି ନଥିଲି ...
ଆସିବନି ତୋ ଜୀବନେ ଆଉ ..
ଯେତେବି ଝରିଲେ ଆଖିରୁ ଲହୁ ..

ଦରଦ ହେବ ମତେ ଜାଣିଥିଲି......
ରକତ ବୋହିବ ଜାଣି ନଥିଲି ...
ପଡ଼ିଲି ଗିଣି ମତେ ଭୁଲି ତୁ ଯିବୁ ..
ତୋ ଦୁନିଆରେ ତୁ ଖୁସିରେ ଥିବୁ ...

ବାଙ୍ଗାଲୋର

# ପାଖକୁ ତୁମର ଫେରାଇ ନିଅ

ନିବେଦିତା ରଥ



ଜିଇଁବାର ଇଚ୍ଛା ସରିଗଲାଣି ପ୍ରଭୁ
ଜୀବନଦୀପ ମୋ ଲିଭେଇ ଦିଅ
ପାଇବାର ଆଶା ନାହିଁ ଆଉ କିଛି
ପାଖକୁ ତୁମର ଫେରାଇ ନିଅ...


ସବୁତକ ଲୁହ ଗଡ଼ାଇ ଦେଇ ବି
ପାଇ ପାରିଲିନି ତୋ ଦୟାରୁ ଟିକେ
ନିର୍ଜୀବ ନିଶ୍ଚଳ ହୋଇ ବସିରହିଛି
ଆଉ ଡାକିବିନି ଜମାରୁ କେବେ

ଅନ୍ଧପରି ତୋତେ ବିଶ୍ୱାସ କରି
ଲୋକହସା ହେବା ହେଲାଣି ସାର
ନିଜଠୁ ଅଧିକ ନିଜର ଭାବିଥିଲି
ତୁ କିନ୍ତୁ କଲୁ ମୋତେ ସାତ ପର...

କି ଦୋଷ ମୋର କେଉଁଠି ରହିଲା
ପାରିଲି ନାହିଁ ମୁଁ କେବେ ବି ଜାଣି
ଭୁଲିରେ ବି ତୋତେ ଡାକିବିନି ଆଉ
ପାରୁନାହୁଁ ଯଦି ମୋ ହୃଦକଥା ଶୁଣି

# ସମୟ

ତୁଳସୀ ସାହୁ



ପଥହୁଡ଼ା ପଥିକଟିକୁ
ଯଦି ପଚାରିଯାଏ
ତୁମେ ଆଉ କେତେ ଦୂର ଗ୍ଲୁଲିବ
ତେବେ ସେ କି ଉତ୍ତର ଦେବ
ଏ ଅବାଞ୍ଛିତ ପ୍ରଶ୍ନର
ଅନେକ ଅସମାପ୍ତ ପ୍ରଶ୍ନ ନେଇ
ବାରମ୍ବାର ନିଜ ମଧ୍ୟେ
ଉତ୍ତର ଖୋଜିଗ୍ଲୁଲିବ ।
ଆଉ କେତେ ଦୂର ଗ୍ଲୁଲିବ
ଏଇ ଅଜଣା ପଥର
ପରିସମାପ୍ତି କେବେ ହେବ
ଠିକଣାରେ ପହଞ୍ଚିବ କି ନାହିଁ
ନା ଠିକଣା ଖୋଜି ଖୋଜି
ନିଜକୁ ହଜେଇ ଦେବ
ହଜେଇ ଦେବ ନିଜ ଅସ୍ତିତ୍ୱ
ଏମିତ କାହିଁ କେତେ ପ୍ରଶ୍ନ ।
ହେଲେ ସବୁ ପ୍ରଶ୍ନର ଉତ୍ତର
କେଉଁଠି କାହା ପାଖରେ
ହଁ ହଁ ଏ ସବୁ ପ୍ରଶ୍ନର ଉତ୍ତର
କେବଳ ଜଣକ ପାଖରେ
ସେ ହେଉଛି ସମୟ ।

# ବାହାଘର ଓ ଗ୍ଣ୍ଡ଼ପତ୍ର

କମଳକାନ୍ତ ସୁବୁଦ୍ଧି



'ବାହାଘର' ଶବ୍ଦଟି ଅତ ମଧୁର
ଅଟଇ ଗ୍ନ୍ତ ଅକ୍ଷର,
ଦୁଇଟି ମନର ମିଳନ ମଧୁର
ସମ୍ପର୍କ ଯୁଗ ଯୁଗର ।
'ବାହାଘର' ନୁହେଁ ଖେଳଘର
ଏ ଈଶ୍ୱର ବରଦାନ,
ଦୁଇ ପରବାର ସମ୍ପର୍କରେ ଛନ୍ଦେ
ଏହା ସତ୍ୟ ଚରନ୍ତନ ।
'ବାହାଘର' ଅଟେ ପବତ୍ର ବନ୍ଧନ
ମିଳନ ଦୁଇ ଆତ୍ମାର
ବେଦ, ହୋମ ଜଆଁ ସାକ୍ଷୀ ରହଥାଏ
ହୁଏ ସେଠି ବାହାଘର ।
ବାହାଘରୁ ଗଢ଼ି ହୁଅଇ ସମ୍ପର୍କ
ହୁଏ ନୂତନ ସଂସାର,
ଏମିତକା ଯୋଗ ସଂସାର ମଧରେ
ମିଳେନା ଯେ ବାରମ୍ବାର ।

*ଛାଡ଼ପତ୍ର*

ଛାଡ଼ପତ୍ର ଅତି ହୃଦୟ ବେଦନା
ଅଟଇ ଗୃହର ଅକ୍ଷର,
ଦୁଇଟି ମନରେ ହୁଏ ମନାନ୍ତର
ଏହା ଦଇବ ବଗୃର ।
ଛାଡ଼ପତ୍ର ସେ ତ ନୁହେଁ ଖେଳଘର
ଅଟଇ ମନୁଷ୍ୟକୃତ
ଦୁଇଟି ମନରେ ହୁଅଇ ବବ୍ରତ
ଘଟେ ଏହା ଅକସ୍ମାତ ।
ଛାଡ଼ପତ୍ର ହୁଏ ସନ୍ଦେହରୁ ସୃଷ୍ଟି
କରେ ଦୁହିଁଙ୍କୁ ବସ୍ରିନ୍ନ
ଏକା ଯେ ବଞ୍ଚିବା ଜୀବନ ସଜା
କରେ ଦୁଇଁଙ୍କୁ ଶ୍ରୀହନ ।
ଛାଡ଼ପତ୍ର ଏକ ଏମିତ ଯନ୍ତ୍ରଣା
ଲୁହ ଝରୁଥାଏ ନେତ୍ର,
ଅବଶ୍ୱାସ କଲେ ସବୁ ଭଙ୍ଗିଯାଏ
ହୋଇଥାଏ ଛାଡ଼ପତ୍ର ।

# ବରଷା

ସନମ ଦେବୀ



ବରଷା ରହଲ୍ ତୋତେ ମୋ ଗଣ
ଖୁସି କରବୁ ତୁ ସଭିଙ୍କ ପ୍ରାଣ
ପ୍ରାଣୀଙ୍କୁ ତୁ ନୂଆ ଜୀବନ ଦେବୁ
ସଭିଁଙ୍କ ହୃଦୟେ ଖୁସି ଭରବୁ ।
ବରଷା ରହଲ୍ ତୋତେ ମୋ ଗଣ
ହସାଇ ଦେବୁ ତୁ ପୃଥିବୀ ପ୍ରାଣ
ଜଳ ଅଭାବକୁ ମେଣ୍ଟେଇ ଦେବୁ
ଝମ୍ ଝିମ୍ ହୋଇ ବରଷି ଯିବୁ ।

ବରଷା ରହଲ୍ ତୋତେ ମୋ ଗଣ
ଖୁସି କରବୁ ତୁ କୃଷକ ମନ
ଖରାର କଷ୍ଟକୁ ଦୂରେଇ ଦେବୁ
କାଗଜ ଡଙ୍ଗା ମୋ ଭସାଇ ଦେବୁ ।

ବରଷା ରହଲ୍ ତୋତେ ମୋ ଗଣ
ଆଣିବୁନ ସାଥେ ଝଡ଼ ତୋଫାନ
ନେବୁ ନାହିଁ ତୁହ ଜନଜୀବନ
ଭାଙ୍ଗିଦେବୁ ନାହିଁ କାହାର ମନ ।

ବରଷା ରହଲ୍ ତୋତେ ମୋ ଗଣ
ଧରଣୀଙ୍କୁ ଦେବୁ ଖୁସି ସପନ
ଫୁଲ ଫଳରେ ତୁ ହସେଇ ଦେବୁ
ଖୁସି ମନରେ ତୁ ବଦାୟ ନେବୁ ।

ଅଧ୍ୟାପିକା, ଗୁଣୁପୁର

# କଳ୍ପନା

ଅଜତ ମଲ୍ଲକ



କଳ୍ପନା ତୁମେ କଏ ?

ଫୁଲର ମହକ

ନା ପବନର ସ୍ପର୍ଶ ?

ଶୁକ୍ଳର ଆଲୋକ

ନା କୃଷ୍ଣର ଅବର ?

କଳ୍ପନା ତୁମେ କଏ ?

ସ୍ୱପ୍ନର ପୀୟୁଷ

ନା ସ୍ମୃତର ବାରଣ ?

ଜହ୍ନର ଜୋଛନା

ନା ତାରାଙ୍କ କରଣ ?

କଳ୍ପନା ତୁମେ ବୋଧେ

ଫୁଲ ବଗିଚ୍ଚର

ସେ କଣ୍ଟକତ ପ୍ରୀତ !

ଦୂର ଦଗନ୍ତର...

ସେହ ଅଥକା ପକ୍ଷୀ ।

# ଜୟ ଜଗନ୍ନାଥ

ଅନୁପମ ବେହେରା



ବଡ ଠାକୁର ତୁ ବଡ ଆଖି ତୋର ବଡ ବଡ ତୋ ଭୁଜା ।
ତୋ ବଡ ଦେଉଳ ତୋ ପତତପାବନ ତୁ ପୃଥିବୀର ରଜା ॥

ଚନ୍ଦନ ତୋ ପ୍ରିୟ କସ୍ତୁରୀ ତୋ ପ୍ରିୟ ତତେ ଭଲ ଲାଗେ ତୁଳସୀ ।
ତୋ ଆନନ୍ଦବଜାର ତୋ ବଡଦାଣ୍ଡ ଧୂଳ ତୋ ମନ୍ଦିର ପାହାଚ ବାଇଶି ॥

ଭକତ ବଦୂର ଭକ୍ତ ସାଲବେଗ ତୋ ପ୍ରିୟ ଦାସିଆ ନଡିଆ ।
ତୋ ଅବଢା ଅନ୍ନ ତୋ ନର୍ମାଲ୍ୟ ଜଳ କାଳଆରେ ମୋତେ ବଢିଆ ॥

ତୋ ଦେହ କଳା ଖିଲ ଖିଲ ହସ ମନ ନେଇଯାଏ କଣି ।
ତୋ ଡୋରୀ ଲାଗିଲେ ଭକତ ଆପେ ତୋ ପାଖକୁ ଆସେ ଟାଣି ॥

ତୁ ସୃଷ୍ଟିକର୍ତା ତୁ ପାଳନକର୍ତା ତୁ କ୍ରୋଧୀ ମହେଶ୍ୱର ।
ତୋ ସୁଦର୍ଶନ ତୋ ଘୋଷଯାତ୍ରା ପବତ୍ର ତୋ ଶଙ୍ଖକ୍ଷେତ୍ର ॥

ଭକତ ହୃଦୟ ସ୍ପନ୍ଦନ ତୁ ଅନ୍ଧର ଆଖିର ଜ୍ୟୋତ ।
ତୋ ପାଦତଳେ କାଳଆରେ ଅଛ ଏ ମାୟାବନ୍ଧନରୁ ମୁକ୍ତି ॥

କୋଟି ବସ୍ତ୍ର ଦେଇ ରକ୍ଷା କରଥିଲୁ ତୁ ଦ୍ରୌପଦୀର ଲଜ୍ଜା ।
ତୋ ବଡ ଦେଉଳ ତୋ ପତତପାବନ ତୁ ପୃଥିବୀର ରଜା ॥

# ଅବିଶ୍ୱାସ ଓ ବିଶ୍ୱାସ

ଅନୁପମ ବେହେରା



(୧)

- ବାବୁ ! କିଛି ସାହାଯ୍ୟ କରନ୍ତୁ ବାବୁ ।

- କିଏ ହେଲା ? ସକାଳୁ ସକାଳୁ ଆସିଯାଉଛନ୍ତି ଭିକ ମାଗିବାକୁ । ମୁଁ ରାଗରେ ଗରଗର ହୋଇ କହିଲି ।

- ବାବୁ ! ମୁଁ ଭିକ ମାଗିବାକୁ ନୁହେଁ ସାହାଯ୍ୟ ମାଗିବାକୁ ଆସିଛି । ମୋ ସ୍ୱାମୀଙ୍କ ହାର୍ଟ ଅପରେସନ୍ ହେଉଛି । ଆମର ଯେତିକି ଜମାପୁଞ୍ଜି ଥିଲା ସବୁ ଖର୍ଚ୍ଚ ହେଇଯାଇଛି । ଆପଣ କିଛି ଟଙ୍କା ସାହାଯ୍ୟ କଲେ ମୋ ସ୍ୱାମୀ ସୁସ୍ଥ ହୋଇ ଘରକୁ ଫେରିବେ ।

ଧୀର ଗଳାରେ କହିଲା ସ୍ତ୍ରୀଲୋକଟି । ଆଖିରୁ ତା'ର ଗଡିଯାଉଥାଏ ଟୋପା ଟୋପା ଲୁହ । ହାତରେ ଧରିଥାଏ ତା ସ୍ୱାମୀର ରିପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର । ଗେଟ୍ ପାଖରେ ଠିଆ ହୋଇ ହାତ ପତେଇ ମାଗୁଥାଏ ଅର୍ଥ ନିଜ ସ୍ୱାମୀର ଚିକିତ୍ସା ପାଇଁ । ମୁଁ ସବୁ ଶୁଣିଲି । ତେବେ କାହିଁକି କେଜାଣି ବିଶ୍ୱାସ ହେଲାନି ସେଇ ସ୍ତ୍ରୀଲୋକଟି ଉପରେ । ତେଣୁ ମୁଁ ତାକୁ ଟଙ୍କା ନାହିଁ କହି ଘର ଭିତରକୁ ପଶିଆସିଲି । ସେ ବିଚାରୀ ଚାଲିଗଲା ନିଜ ଭାଗ୍ୟକୁ ଆଦରି । ମୁଁ ଅଳ୍ପ ସମୟ ଭିତରେ ରେଡି ହୋଇ ବାହାରିଗଲି ଅଫିସକୁ ।

ସଂଧ୍ୟା ବେଳକୁ ଅଫିସ୍‌ରୁ ଫେରି ନ୍ୟୁଜ୍‌ରେ ଯାହା ଦେଖିଲି ମୋ ଆଖିକୁ ବିଶ୍ୱାସ କରିପାରିଲିନି । ତଳେ ବଡ ବଡ ଅକ୍ଷରରେ ଲେଖା ବାହାରୁଥିଲା, “ଚିକିତ୍ସା ପାଇଁ ଅର୍ଥ ଯୋଗାଡ ନ କରିପାରି ସ୍ୱାମୀ ଓ ସ୍ତ୍ରୀଙ୍କର ଆତ୍ମହତ୍ୟା ।”

(୨)

ଦନେ ଛକରେ ବୁଲୁ ବୁଲୁ କେହ ଜଣେ ମୋତେ ପଛରୁ ଡାକଲ୍ ।

ମୁଁ ପଛକୁ ବୁଲପଡି ଦେଖେ ତ ମଇଳା, କୋତର୍ ସାର୍ଟ୍ ପିନ୍ଧି ଓ ଚର୍ ଗାମୁଛା ଖଣ୍ଡେ ଅଣ୍ଟାରେ ଗୁଡେଇ ଲୋକଟିଏ ହାତ ପତେଇ ମୋତେ ମାଗୁଥିଲ୍ ଭକ । ମୋର ସେଇ ସ୍ତ୍ରୀ ଲୋକଟିର କଥା ମନେପଡିଗଲ୍ । ତେଣୁ ମୁଁ ତାକୁ ୧୦ଟଙ୍କିଆ ନୋଟ୍‌ଟିଏ ବଢେଇଦେଲ । ସେ ଖୁସି ହେଇ ମୋତେ ଆଶୀର୍ବାଦ ଦେଇ ଗ୍ଲଲଗଲ୍ । ମୋ ମନଟା ଭଣ ହାଲୁକା ଓ ପ୍ରଫୁଲ୍ଲତ ଲଗିଲ୍ । ମୁଁ ମନେ ମନେ ସ୍ଥିର କଲ ସବୁଦନ ଜଣେ ଗରବକୁ କଛ ନା କଛ ସାହାଯ୍ୟ କରବ ।

ବୁଲାବୁଲ କର ଘରକୁ ଫେରଲାବେଳେ ରାସ୍ତାରେ ଗୋଟିଏ ଜାଗାରେ ଭଡ ଜମିଥିବାର ଦେଖିଲ । ମୁଁ ବ ସେଇ ଗହଳରେ ପଶିଗଲ ଦେଖିବାକୁ ପ୍ରକୃତରେ ଘଟଣାଟି କଣ ? ତେବେ ଗହଳକୁ କାଟି କାଟି ଆଗକୁ ବଢି ଭଡ ମଝିରେ ପଶି ଦେଖିଲ ଜଣେ ମଇଳା କୋତର୍ ସାର୍ଟ ପିନ୍ଧା ଲୋକଟିଏ ଶୋଇଛ । ଚର୍ ଗାମୁଛାଟାକୁ ଘୋଡେଇହେଇଛ ଦେହରେ । ଡାହାଣ ହାତରେ ମଦ ବୋତଲ । ଗହଳ ଦେଖି କମିସନରେଟ୍ ପୋଲସ୍ ଗାଡି ଆସି ଅଟକଲ୍ ସେଇଠି । ପୋଲସ୍‌ବାଲ୍ ଆସି ସେ ମଦୁଆ ମୁହଁରୁ କାଢିଦେଲେ କପଡାଟି । ମୋତେ ସ୍ପଷ୍ଟ ଭାବେ ଦଶିଲ୍ ତା ମୁହଁ ଓ ଜଳଜଳ ହୋଇ ଦଶିଲ୍ ମୋ ସାହାଯ୍ୟର ପରଣାମ । ତାକୁ ଉଠେଇ ଗାଡିରେ ନେଇଗଲେ । ମୁଁ ସେଠି ଠିଆ ହେଇ ଦେଖୁଥିଲ ଧିରେ ଧିରେ ମୋ ଦୃଷ୍ଟି ଆଢୁଆଳରୁ ଅଦୃଶ୍ୟ ହୋଇଗ୍ଲଲଥିବା କମିଶନରେଟ୍ ପୋଲସ୍‌ର ଗାଡିକୁ ।

# ଘର ଓଳେଇଲି...

ତାରାପ୍ରସାଦ ଜେନା



ଘର ଓଳେଇଲି ଏପଟ ସେପଟ

ଗୁଞ୍ଜୁଣୀ ବାଜନ କୋଣେ

ନଣନ୍ଦ ଠାପେଇ ମାଆକୁ କହଲି

ଭାଉଜ ଅଳସୀ ଜଣେ ।

ଚୁଲି ଲିପୁଥିଲି ଗୋବର ଲୁଣ୍ଡାରେ

ଭାଙ୍ଗିଲା ଗୋଟିଏ ଝିଙ୍କା

ଚାଁଫର ନଣନ୍ଦ ମାଆଠି ଫୋଡ଼ିଲା

ପାଇବ ପୁଳାଏ ଟଙ୍କା ।

ଏରୁଣ୍ଡି ବନ୍ଧରେ ପାଦ ମୁଁ ଝୁଣ୍ଟିଲି

ଶୀତକୁ କାଟୁଛ ଭଲା

ଶାଶୁ ତ ରଡ଼ିଲେ ଛେପରୀକୁ ଦେଖ

ଗୁଲି ତ ଶିଖିନ ପିଲା ।

ଧୋଇଧାଇ କର ମାଣ ପେଢ଼ି ଥୁଏ

ନଗୁଡ଼ି ପଡୁଛ ପାଣି

ଶାଶୁ ଗାଳଦେଲେ ନମୁଲ ଝିଅଟା

ଦେଖାଇ ହଉଛ ରାଣୀ ।

ପାଣି ଆଣୁଥିଲ ଗରଆ କାଖରେ

ଚହଲ ପାଣିରୁ ଇଡ଼େ

ନଣନ୍ଦ ଥୋବରୀ କହଲା ଦେଖେଇ

ନଜର କୋଉଠି ଛଡ଼େ ।

କଂସା ମାଜୁଥିଲ ହାତରୁ ଖସିଲା

ଶାଶୁ ତ ହୋଇଲେ ଖପ୍ପା

ଅଜଣା ଗୃଉଳ ଭତକୁ ଖାଉଚ

ପଠେଇ ଦେଇଛ ବୋପା ।

# ପଶୁତ୍ୱରୁ ଉର୍ଦ୍ଧ୍ୱରେ

ମମତା ଦାସ



ପ୍ରତି ବର୍ଷ ପରି ଷଡଙ୍ଗୀ ବାବୁଙ୍କ ଡିଉଟି ଏ ବର୍ଷ ବି ପୁରୀ ରଥ ଯାତ୍ରାରେ ପଡି ଯାଇଛି । ଗରମ, ଗୁଳୁଗୁଳି ସାଙ୍ଗକୁ ଓଡିଶା ସରକାରଙ୍କ ଅବ୍ୟବସ୍ଥା, ଅନୁଶାସନହୀନ ସରକାରୀ କର୍ମଚାରୀଙ୍କ ବିପର୍ଯ୍ୟୟ ଅବସ୍ଥା କହିଲେ ନସରେ । କଣ କେଜାଣି ଗୁଣୁଗୁଣୁ ହୋଇ ମହୁମାଛି ପରି ଷଡଙ୍ଗୀ ବାବୁ ଆମର କହି ଚାଲିଥାନ୍ତି । ଝାଞ୍ଜି ଖରାରେ ପ୍ରତିଦିନ ଭୁବନେଶ୍ୱରରୁ ପୁରୀ ଦଉଡିବାଟା କିଛି ଛୋଟ କଥା ନୁହେଁ । ତା ସହିତ ବଡ ଦାଣ୍ଡରେ ଭକ୍ତଙ୍କ ଭିଡରେ ସବୁଦିନ ନିଜକୁ ଭିଡି-ଭିଡି ଷଡଙ୍ଗୀ ବାବୁ ଆମର ଘରକୁ ଫେରନ୍ତି । ବାଟଯାକ ସମସ୍ତଙ୍କୁ ଗାଳିଦେଇ କହନ୍ତି – "ଚାକିରୀ କରିବ ପୁଲିସି, ମାଛ ଖାଇବ ଇଲିଶି" କିଏ କହିଛି କେଜାଣି, ତାକୁ ଦେଖିଲା ମାତ୍ରେ ଜେଲ୍ ରେ ଭର୍ତିକରି ଧାରା-୩୦୨ ଲଗେଇ ଦେବି । ଓ.....ହୋ....., ପ୍ରାଣଟା ଛାଡି ଯାଉଛି । ଘରେ ପଶୁ-ପଶୁ "ହଇଓ.....ଶୁଣୁଛ....ହେଇଟି, ପାଣି ଗିଲାସେଟେ ଦିଅମ, କୁଆଡେ ଗଲକି ?" ଘରଣୀଙ୍କୁ ଡାକି-ଡାକି ଅଳୁଗୁଣ୍ଡିରୁ ଗାମୁଛାଟା ଟାଣିଆଣି ଝାଳଲଗା ମୁହଁଟା ପୋଛିଦେଲେ । ଘରଣୀ ଘର ଭିତରୁ ପାଣି ଗିଲାସେ ହାତରେ ଧରି – "ହଇଓ..... କାହିଁକି ଏତେବଡ ପାଟିଟା କରୁଛ.....ହେଇଟି ନିଅ....ପାଣି" କହି ଗିଲାସଟା ହାତକୁ ବଢାଇ ଦେଲେ ।

ଘରଣୀ – ଆଜି ତୁମର କଣ ହେଇଚି କି ?

ଷଡଙ୍ଗୀ ବାବୁ – କଣ କହିବି ଆମ ସରକାରଙ୍କ କଥା । ନାଁଟା ସିନା ପୁଲିସି, ଇଲିଶି ଖାଇବାଟା ତ ଦୂରର କଥା, କେରଣ୍ଡିଟିଏ ବି ଭାଗ୍ୟରେ ନାହିଁ । ହାତରେ ସବୁବେଳେ ବାଉଁଶ ବାଡି ଧରି ଡିଉଟି କରିବାକୁ ପଡୁଚି । କୋଉଦିନ ଯଦି ଚୋର-ଖଣ୍ଟଙ୍କ ହାବୁଡରେ ପଡିଯିବି ନା, ମୋର ହାତରୁ ବାଡି

ଛଡାଇ ମୋର ପ୍ରାଣଟା ନେଇଯିବେ । ସବୁ ସେଇ କାଳିଆର ଭରସାରେ ଚାଲିଛି । ଖାଲି ସରକାରଙ୍କ ନାଁ । ହେ କାଳିଆ – ଏ ଭବସାଗରରୁ ପାରି କରହେ, ଦିନ-ପ୍ରତିଦିନ ସଂସାରରେ ଅନ୍ୟାୟ, ଅତ୍ୟାଚାର ବଢି ବଢି ଚାଲିଛି । ହାତରେ ବନ୍ଧୁକ ଖଣ୍ଡେ ନାହିଁ ଯେ ଗୁଳିଟିଏ ଫୁଟେଇ ଦେଇ କୌଣସି ଚୋରର ଖଣ୍ଟକୁ ଡରେଇ ଦେବ ବୋଲି । ଓଲଟା ଡରି-ଡରି ଡ୍ୟୁଟି କରିବାକୁ ପଡୁଛି । ତା ସାଙ୍ଗକୁ ସବୁଦିନ ଲାଇନ ବସରେ ବସି ଭୁବନେଶ୍ୱରରୁ ପୁରୀ ଯାତ୍ରା କରିବାଟା ଭାରି କଷ୍ଟପ୍ରଦ ଘଟଣା । ଏଥିରେ ମୋତେ କହୁଛି କଣ ନା ପାଟିଟା କାହିଁକି କରୁଛି । ଦିନେ ଏ ଗରମରେ ବସରେ ବସି ପୁରୀ ଯାଅ ଯେ ତା ପରେ ମୋତେ ପଚାରିବ କାହିଁକି ପାଟିଟା କରୁଛି ।

ଘରଣୀ – ହଇଓ, ତୁମେ କାହିଁକି ବସରେ ଯାଉଛ କି? ସରକାର ତୁମକୁ ଯେଉଁ ଜିପ୍ ଟା ଦେଇଛି ସେଥିରେ ଯାଉନ କାହିଁକି? ଦିନକୁ ଦଶଥର କହୁଛି ମୋତେ ଟିକେ ପୁରୀ ବୁଲେଇ ନିଅ ବୋଲି । ହେଲେ ତୁମ କାନକୁ କଣ ଶୁଣାଯାଉଛି ଯେ ମୋତେ ସାଙ୍ଗରେ ନେବ । ଘରେ ଏକୁଟିଆ ଏତେ କାମ ସାଙ୍ଗକୁ କୋଳରେ ଗୋଟିଏ ଛୋଟ ଛୁଆ । ଚାକରାଣୀ ଗୋଟିଏ ଯୋଗେଇ ଦେଇ ପାରିନାହଁ ଆଜି ପର୍ଯ୍ୟନ୍ତ । ତୁମେ କଣ ଖାଲି ଏକୁଟିଆ ଡ୍ୟୁଟି କରୁଛ? ଦିନେ ଘରେ ରହି ଘର ଡ୍ୟୁଟି କରଯେ ଜାଣିବ....... ହୁଁ......, ଖାଲି ସବୁବେଳେ ମହୁମାଛି ପରି କାନ ପାଖରେ ଗୁଣୁଗୁଣୁ....ଗୁଣୁଗୁଣୁ । କିଛି କାମ ଧନ୍ଦା ନାହିଁ........ହୁଁ..... ଏକଥା କହି ଘରଣୀ ଗୋଡ ବାଡେଇ ଭିତରକୁ ଚାଲିଗଲେ ।

ଷଡଙ୍ଗୀ ବାବୁ – ଦେଖୁନ ହୋ, କହୁଛନ୍ତି ସରକାରୀ ଜିପ୍ ରେ ଯିବା-ଆସିବା କର । ସେ କଣ ଜାଣିଛନ୍ତି ଯେ ଆଜିକାଲି ସରକାର ଆଉ କର୍ମଚାରୀଙ୍କ ଭିତରେ କଣ ଚାଲିଛି ! କହୁଛନ୍ତି କଣ ନାଁ ଜିପ୍ ରେ ଯାଅ । ହଉ ହେଲା, ଥରେ ତାଙ୍କୁ ଏଇ ସରକାରୀ ଜିପ୍ ରେ ପୁରୀ ବୁଲେଇ ନେବ ଯେ ତାପରେ ହୁଁ-ହାଁ ମାରୁଥିବେ । ସେ କଣ ଜାଣୁଛନ୍ତି ସରକାର ଆମକୁ ହଳଏ ମାଟିଆ ଡ୍ରେସ୍, ଗୋଟିଏ ବାଉଁଶ ବାଡି ଧରେଇ ଦେଇ ଏତେ ଲୋକଙ୍କ ଭିଡକୁ ଛାଡି ଦେଉଛି । ଆଉ ଏ ଜିପ୍, ତା କଥା ତ ଛାଡ । ବହୁତ କାକୁତି-ମିନତି କରି ଜିପ୍ ଗୋଟେ ଆଲଟ୍ କରେଇଥିଲି ଯେ, ରାସ୍ତାରେ ଦଶ ଥର ବନ୍ଦ ହେବା ସାଙ୍ଗକୁ ଗୋଟିଏ ମଦୁଆ ଡ୍ରାଇଭର, ତା ଉପରେ ଡିଜେଲ ଖର୍ଚ୍ଚ ତ ମିଳିବାର ନାହିଁ, ହାତରୁ ଦେବାକୁ ପଡୁଛି ।

ଉପରେ ଠିକ୍ ସମୟରେ ଡ୍ୟୁଟିରେ ନପହଞ୍ଚିଲେ ବଡବାବୁଙ୍କ କୋପଦୃଷ୍ଟିକୁ ବରଦାସ୍ତ କରିବା ଭାରି କଷ୍ଟପ୍ରଦ କାମ । ଯେଉଁଦିନ ଜିପ୍ ଟା ଆଲଟ୍ ହେଲା, ମନଟା ଭାରି ଖୁସିଥିଲା । କହିଲେ ନସରେ । ଭାବିଥିଲି ଡ୍ୟୁଟି ସରିଲା ପରେ ସନ୍ଧ୍ୟାବେଳେ ପିଲାମାନଙ୍କୁ ଧରି ଗୁର୍ଚ୍ଚି, ଗୁପଚୁପ୍ ଖାଇବା ପାଇଁ ରୂପାଲି ଛକକୁ ନେଇଯିବି । କିନ୍ତୁ ଯେମିତି ଜିପ୍ ଟା ଧରି ବାହାରିଛି, ଅଫିସରୁ ଘରକୁ ଫେରିବାକୁ ମୋତେ ସହର ଭିତରେ ତିନିଘଣ୍ଟା ଲାଗିଗଲା । ସେଇଦିନଠାରୁ କାନ ମୋଡି ହୋଇ ଜିପ୍ ଟାକୁ ଆଣ୍ଟିକ୍ ପିସ୍ କରି ଦୁଆର ମୁହଁରେ ରଖି ଦେଇଛି ।  କିଛି ନହେଲେ ଲୋକେ ତ ଦେଖିବେ, ଖାନଦାନି ବୋଲି ଭାବିବେ ! ଏପଟେ ସରକାରଙ୍କର ନାଁ, ସେପଟେ ମୋ ଖାନଦାନ୍ ର ନାଁ । ବାପା-ବୋଉ ମୋର ଭାରି ଖୁସି । ସରକାରଙ୍କ ତରଫରୁ ପୁଅକୁ ଗାଡିଟିଏ ମିଳିଛି ।

ହଉ ହେଲା........, ହେଉଟି ଶୁଭୁଛିଟି, କୁଆଡେ ଗଲମ ? କାଲି ପରା ମୁଁ ଛୁଟି ଆଣିଛି, ଖାସ୍ ତୁମରି ପାଇଁ, ତୁମକୁ ପୁରୀ ବୁଲେଇ ନେବି ବୋଲି । ଏବେ ତ ନବକଳେବର ଧୁମ୍ ଚାଲିଛି । ଆଗକୁ ରଥଯାତ୍ରା ବି ଅଛି । କାଳିଆ ଦର୍ଶନ ହୋଇଗଲେ ଇହକାଳ ପରକାଳ ତୁମର ସବୁ ସୁଧୁରିଯିବ ଟି..... ।

ସ୍ୱାମୀଙ୍କ କଥା ଶୁଣି ଘରଣୀ ଘର ଭିତରୁ ଭାରି ଖୁସି ହୋଇ ବାହାରି ଆସି କହିଲେ –ସତରେ ମ, କାଳିଆର ଡାକରା ଆସିଗଲା । ଆହା, କି ଭାଗ୍ୟ ମୋର ।

ଏପଟେ ଷଡଙ୍ଗୀ ବାବୁ ଆମର ସକାଳୁ-ସକାଳୁ ଉଠି ସରକାରୀ ଜିପ୍ କୁ ଭଲଭାବରେ ସର୍ଫ ପକାଇ ଘସି-ମାଜି ଚକ୍-ଚକ୍ କରି ରେଡି କରିଦେଲେ । କୁତୁକୁତା ହୋଇ ଫୋମ୍ ବାହାରୁଥିବା ଜିପ୍ ର ସିଟ୍ ଉପରେ ଚକଚକିଆ ନୂଆ ଟାଉଲ୍ ଖଣ୍ଡେ ପକାଇ ଦେଇ ଘରଣୀଙ୍କର ବସିବାର ସୁବିଧାଟା କରିଦେଲେ । ବହୁଦିନରୁ ଘସିହୋଇ ସିଲପଟା ହୋଇ ଯାଇଥିବା ଟାୟାରର ପ୍ରେସର ଚେକ୍ କରି ଟାଙ୍କିରେ ଡିଜେଲ୍ ଫୁଲ କରିଦେଲେ । ଘରଣୀଙ୍କ ସହିତ ଆଜି ଷଡଙ୍ଗୀ ବାବୁଙ୍କ ମନଟାବି ବଡ ପ୍ରସନ୍ନ ।

ସ୍ୱାମୀ, ସ୍ତ୍ରୀ ଙ୍କ ଜୀବନରେ ସବୁବେଳେ କଣ ଏହି ସୁଯୋଗ ଆସେ ? ଘର ଜଞ୍ଜାଳରେ ଛନ୍ଦି ହୋଇ ସମୟ ଅବା କେତେବେଳେ ମିଳୁଛି । ଉପରେ ପୁଲିସି ଚାକିରୀ । ଚବିଶ ଘଣ୍ଟା ଡ୍ୟୁଟି । ଜିପ୍

ଷ୍ଟାର୍ଟ କରି ଷଡଙ୍ଗୀ ବାବୁ ଆମର ଏମିତି କିଛି ଭାବୁ-ଭାବୁ ଏହି ସମୟରେ ଘରଣୀ ଆସି ଜିପ୍ ପାଖରେ ପହଞ୍ଚିଗଲେ । ଦେହରେ ହଳଦୀ ବସନ୍ତ ରଙ୍ଗର କାଞ୍ଜିବରମ ଶାଢୀ, ଓଠରେ ଲାଲ ଲିପଷ୍ଟିକ୍, ପାଦରେ ହାଇ ହିଲ୍, ହାତରେ ଗୋଲାପି ରଙ୍ଗର ଚୁଡି, ଗଳାରେ କଣ୍ଠି ମାଳ । ଷଡଙ୍ଗୀ ବାବୁ ଏସବୁ ଦେଖି କହିଲେ – ହଇଓ, ତୁମେ କାଳିଆ ଦର୍ଶନରେ ଯାଉଚ ନା ଫେସନ ଶୋ କରିବାକୁ ଯାଉଛ । ଏତେ ଗରମରେ କାଞ୍ଜିବରମ ଶାଢୀ, ଫେରିଲା ବେଳକୁ ଅବସ୍ଥା କଣ ହେଇଥିବ ଭାବି ପାରୁଛତ ?

ଘରଣୀ – କାହିଁକି ! ତୁମ ପ୍ରିୟ ଜିପ୍ ର ଛାତ ଉପରେ କଣା ହୋଇ ପରା ଶୀତ-ତାପ ନିୟନ୍ତ୍ରିତ ଯନ୍ତ୍ର ପରି କାମ କରୁଛି ।

ଷଡଙ୍ଗୀ ବାବୁ – ହା.......ହା.......ହା......., ଶୀତ-ତାପ ନିୟନ୍ତ୍ରିତ ଯନ୍ତ୍ର, ଆଉ ସରକାରୀ ଜିପ୍ । ହଉ ଆସ, ଏଇଥିରେ ହିଁ ଲୁଚିକରି ବୁଲି ଆସିବା । ସରକାର ଯଦି ଦେଖିବ ନା ତା ଜିପ୍ ରେ ତୁମକୁ ବସାଇ ବୁଲେଇ ନେଉଛି, ମୋତେ ସିଧା ଚାକିରୀରୁ ବରଖାସ୍ତ କରିଦେବ । ତା ପରେ ତୁମର ନିତି ଦିନିଆ ସଉକ ପୁରା କରିବ କିଏ ।

ଏମିତି ଟାହି-ଟାପରା କରି ଷଡଙ୍ଗୀ ବାବୁ ଆମର ଘରଣୀଙ୍କୁ ସାଙ୍ଗରେ ନେଇ ପୁରୀ ବାହାରି ଗଲେ । ଗ୍ରୀଷ୍ମର ଶେଷ...., ଆଷାଢର ପ୍ରବେଶ....ସୁଲୁସୁଲିଆ ପବନ ଦେହରେ ବାଜି ଦୁଇଜଣଙ୍କ ମନରେ ରୋମାଣ୍ଟିକ ଭାବନା ଉତ୍ପନ୍ନ କରୁଥାଏ । ଷଡଙ୍ଗୀ ବାବୁ ଆମର ଘରଣୀଙ୍କ ହାତକୁ ଟାଣି ଧରି କହିଲେ – ହଇଓ, ମନେ ପଡୁଛି ? ବାହାଘରର ପରେ ପରେ ଆମେ ଯେଉଁଦିନ ପ୍ରଥମେ ପୁରୀ ଜଗନ୍ନାଥ ଦର୍ଶନରେ ଆସିଥିଲେ, ସେ ଦିନ ବି ଠିକ୍ ଏହିଭଳି ଅନୁଭବ ହେଉଥିଲା ନା..........

ଘରଣୀ – ହୁଁ ମାରି, ତୁମର ଯେଉଁ କଥା ନା । ଲାଜେଇ ଯାଇ ହାତକୁ ଛଡେଇ ନେଲେ........

ଠିକ୍ ଏତିକି ବେଳେ ଝିପ୍-ଝିପ୍ ବର୍ଷା ହେବାକୁ ଲାଗିଲା । କାହିଁକି କେଜାଣି ଆମ ଷଡଙ୍ଗୀ ବାବୁଙ୍କ ମନଟା ହେଲା ଟିକେ ବର୍ଷାରେ ଭିଜିବା ପାଇଁ । ହଠାତ୍ ରାସ୍ତା କଡରେ ଜିପ୍ କୁ ବ୍ରେକ ଦେଇ ଟିକେ ବର୍ଷାରେ ଭିଜିବାକୁ ଲାଗିଲେ........

ଆଃ........ କି ଶାନ୍ତି........ ଆଜି ଦିନଟି ପରି ମୋର ଯଦି ସବୁ ଦିନଟା ଏପରି ବିତନ୍ତା ନା........

ହଇଓ, ଶୁଭୁଚ, ଜପ୍ ଭିତରେ ମୂର୍ତ୍ତିଟା ପରି ବସିଛ କଣ ମ ? ଟିକିଏ ଓହ୍ଲାଇ ଆସ । ଦେଖିବ କେତେ ମଜା ଆସୁଛି........ । ଷଡଙ୍ଗୀ ବାବୁ ଆମର ଆଞ୍ଜୁଳାରେ ମୁନ୍ଦେ ପାଣି ଧରି ଘରଣୀଙ୍କ ମୁହଁକୁ ଛିଡିଦେଲେ । ଘରଣୀ ରାଗ ତମ୍ ତମ୍ ହୋଇ – ହେଇଟି ଏ ବୟସରେ ପାଗଳ ପରି କଣ ହଉଚ ମ........ ପାଣି ଟା ପକେଇ ଦେଲ । ମୋ କାଞ୍ଜିବରମ ଶାଢୀ ଓଦା ହୋଇ କଳାଛିଟ୍ ମାରିଗଲେ କେତେ ନୁକସାନ୍ ହେବ ଜାଣିଛ ଟି........

ଷଡଙ୍ଗୀ ବାବୁ – ତୁମକୁ ଆଉ ଗୋଟିଏ କାଞ୍ଜିବରମ ଶାଢୀ ଆଣି ଦେବ । ଏବେ ଆସ ମ.......

ଘରଣୀ – ନା, ମୁଁ ଜମା ଯିବିନି । ତୁମେ ଶିଘ୍ର ଆସ । ଜଲଦି ଦର୍ଶନ ସାରି ଫେରିବା । ସେପଟେ ପୁଅ ଆଉ ବୁଢା ବାପା-ମା ଘରେ ଅଛନ୍ତି ଯେ........

ଷଡଙ୍ଗୀ ବାବୁ ଆମର ଟିକେ ମନଟା ମାରି ଆସି ପୁଣି ଜପ୍ ଷ୍ଟାର୍ଟ କରି ପୁରୀ ଅଭିମୁଖେ ଯାତ୍ରା କଲେ ।

ଝିପ୍-ଝିପ୍ ବର୍ଷାରେ ଗରମ ମାଟିରୁ ବାହାରୁ ଥିବା ସୁଗନ୍ଧକୁ ଯିଏ ଥରେ ମନ ଭରି ଆଘ୍ରାଣ କରିଛି ସେ ଚିରକାଳ ସେହି ମାଟିର ମଣିଷ ରୁପେ ପରିଚୟ ଦେବାରେ କେବେବି ଦ୍ୱିଧା ପ୍ରକାଶ କରି ପାରିବ ନାହିଁ ।

ଜପ୍ ଟି ଦ୍ରୁତ ଗତିରେ ଗ୍ଲୁଥାଏ । ଆଉ ରାସ୍ତା କଡର ବୃକ୍ଷ ଲତା ମାନେ ମଧ୍ୟ କୌଣସି ରୋମାଣ୍ଟିକ୍ ସିନେମାର ରେଲ ପରି ସେତିକି ଦ୍ରୁତ ଗତିରେ ଜପ୍ ସହିତ ତାଳ ଦେଇ ଦୌଡି ପଳଉଥାନ୍ତି । ଆହା........ କି ଅପୂର୍ବ ଦୃଶ୍ୟ........ ବର୍ଷା ଟୋପା ପତ୍ର ଉପରେ ପଡି ଲାଗୁଛି ଯେମିତି ପତ୍ର ସଦ୍ୟ ସ୍ନାନ ରତ........ କି ଅନୁପମ ଶୋଭା ଏ ବନ୍ୟ ପୁଷ୍ପଲତାରେ । ଆଜି ପ୍ରକୃତିଟା କାଇଁ ନୂଆ-ନୂଆ ଲାଗୁଛି ।

ଘରଣୀଙ୍କୁ ଟିକେ ହଲେଇ ଦେଇ – ହଇଓ, ଶୁଭୁଚ, ତୁମେ ସବୁଦିନ ଏମିତ ମୋ ସାଙ୍ଗରେ ଆସନ୍ତ ନି ?

ଘରଣୀ – ହା........ ହା........ ତୁମର ଯେଉଁ କଥା ନା........ ଟିକେ ରୋମାଣ୍ଟିକ୍ ଦୁନିଆରୁ ଓହ୍ଲାଇ

ଯଥାର୍ଥରେ ପାଦ ଦଅ ମ । ନହେଲେ ଘରେ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା ହୋଇଯିବ, ଆଉ ଅନ୍ଧାରରେ ପ୍ରକୃତ ଗଣୀର କଳା ଗୃଦର ଘୋଡି ହୋଇଥିବା ରୂପଟା ବ ତୁମକୁ ଅନୁପମ ଲାଗିବ ।

ଏମିତ କଥା ହେଇ ଗୃଲୁଗୃଲୁ ପୁରୀ ସିଂହଦ୍ୱାର କେତେବେଳେ ଆସି ପହଞ୍ଚି ଗଲା ଜଣା ପଡିଲା ନାହିଁ । ଜପ୍ ରୁ ଓହ୍ଲାଇ ପଡି ଘରଣୀ ସିଂହଦ୍ୱାରରୁ ପତତପାବନ ବାନାକୁ ଗୃହିଁ ହାତ ଯୋଡି କାହିଁ କେତେ କାକୁତ ମିନତ  ମୁଦ୍ରାରେ କେତେ କଣ ଗୁହାର କରବାରେ ଲାଗିଲେ ।

ଷଡଙ୍ଗୀ ବାବୁ – ହଉ, ସେତକ ଥାଉ । ଏବେ ଭତରକୁ ଗୃଲ । ଆମେ ଠିକ୍ ସମୟରେ ଆସି ପହଞ୍ଚି ଯାଇଛେ । ସକାଳ ଧୂପ ଗୃଲଛି......... ଅହୋ ଭାଗ୍ୟ ମୋର । ସବୁବେଳେ ବାହାରୁ ବାହାରୁ ଡ୍ୟୁଟି କର ଗୃଲଯାଏ । ଆଜ ଏତେଦନ ପରେ ଦର୍ଶନ କରବାର ସୁଯୋଗ ଟିକେ ମିଳଲା । ଯାହା କାଳଆର ମହମା........

ଷଡଙ୍ଗୀ ବାବୁ ଏବଂ ଘରଣୀ ଦୁଇଜଣ ଯାକ ଭଲଭାବରେ ଜଗନ୍ନାଥ ଦର୍ଶନ ସାର, ଭୋଗରାଗ କର ବେଢା ଗୃରପାଖ ପରକ୍ରମା କଲାପରେ ମନ୍ଦିର ବାହାରକୁ ଆସିଲେ । ମନ୍ଦିର ଭତରେ ବୁଲବୁଲ ଏ ଗରମରେ ଘରଣୀଙ୍କର ହଂସା ଉଡିଲାଣି । ଯେମିତ ବାହାରକୁ ବାହାରଛନ୍ତି, କହ ପକାଇଲେ – ହଇଓ, ଗୃଲବଟି ଆମେ କଛି ଖାଇଦେବା । ଭର ଭୋକ ଲାଗିଲାଣି । ସକାଳୁ ଏ ପର୍ଯ୍ୟନ୍ତ ଓପାଷରେ ଥିଲ । ଦର୍ଶନ ସରଲା ପରେ ଖାଇବ ବୋଲ ପାଣି ମୁନ୍ଦେ ବ ଏପର୍ଯ୍ୟନ୍ତ ପାଟିରେ ଦେଇନାହିଁ । ହେଇଟି, ଗୃଲବଟି ଟିକେ କଣ ପାଟିରେ ଦେଇଦେବା ।

ଷଡଙ୍ଗୀ ବାବୁ – ହଇଓ, ଟିକେ ପାଟିରେ କଣ ଦେଇଦେବ କହୁଚମ ? ପୁଲିସିବାଲାର ସ୍ତ୍ରୀ ଟି । ଗୃଲ ତୁମକୁ ଭଲ ହୋଟେଲରେ ଲଞ୍ଚ୍ କରେଇବ । ଏମିତ ସୁଯୋଗ କଣ ସବୁବେଳେ ମିଳେ । ହଉ, ଗୃଲ.....ଗୃଲ......

ସ୍ୱାମୀ, ସ୍ତ୍ରୀ ଦୁଇ ଜଣଯାକ ଖାଇବା ପାଇଁ ହୋଟେଲରେ ଯାଇ ବସିଗଲେ । ବହୁତ କଛି ଅର୍ଡର ଦେବା ପରେ ଗୋଟିଏ ଛୋଟ ପିଲା ଆସି ପାଖରେ ଥଣ୍ଡା ପାଣି ଗ୍ଲାସଟିଏ ରଖିଦେଲା । ଘରଣୀଙ୍କ ତଣ୍ଟିଟା ଶୁଖି ଯାଉଥାଏ । ପାଣି ଗ୍ଲାସ ଟି ଢକ୍ ଢକ୍ କର ପିଇଦେଲା ପରେ ଟିକେ ତୃପ୍ତି ଅନୁଭବ

କଲେ । କିଛି ସମୟ ପରେ ସେଇ ଛୋଟ ପିଲାଟି ଖାଇବା ଆଣି ମଧ ପରସି ଦେଲା । ବୟସ ୧୦ ରୁ ୧୨ ବର୍ଷ ମଧ୍ୟରେ । ଘରଣୀଙ୍କୁ ଟିକେ ଆଶ୍ଚର୍ଯ୍ୟ ଲାଗିଲା । ଏତେବଡ ହୋଟେଲରେ ଏତେ ଛୋଟ ଛୋଟ ଛୁଆ କାମ କରୁଛନ୍ତି । ଗୁରିଆଡେ ଆଖି ବୁଲେଇ ଏମିତ ଅନେକ ପିଲା ସେ ହୋଟେଲରେ କାମ କରୁଥିବା ଦେଖିଲେ । ହୋଟେଲକୁ ଆସୁଥିବା ଲୋକେ ଏବଂ ନିଜେ ହୋଟଲରେ ମାଲିକ ମଧ କିଛି ଛୋଟ ଛୋଟ କଥାକୁ ନେଇ ପିଲାମାନଙ୍କ ସାଙ୍ଗରେ ଅପବ୍ୟବହାର କରୁଥାନ୍ତି । ଘରଣୀ ଯେହେତୁ ଗୋଟିଏ ମା, ପିଲାମାନଙ୍କର ଏଇ ଦୁର୍ଦଶାକୁ ଦେଖି ସହିବେ ବା କିପରି......... । ରାଗ ତମ୍-ତମ୍ ହୋଇ କହିଲେ – କେମିତକା ବାପା ମା କେଜାଣି ? ଏତେ ଛୋଟ ଛୋଟ ପିଲାମାନଙ୍କୁ କାମ କରିବାକୁ ଛାଡି ଦେଉଛନ୍ତି । ଘରଣୀଙ୍କ କଥା ଶୁଣୀ ଷଡଙ୍ଗୀ ବାବୁ ଆମର କହିଲେ – ଆରେ, ଏମାନଙ୍କ ମା, ବାପା ବହୁତ ଗରୀବ । ଏମାନେ ଖାଇବାକୁ ନ ପାଇ ବହୁତ ଦୟନୀୟ ଅବସ୍ଥାରେ ରହୁଛନ୍ତି । ସୁଦୁର ବିହାର, ବଙ୍ଗଳା, ନେପାଳରୁ ଦଲାଲ ମାନେ ଏହାର ଫାଇଦା ଉଠାଇ ଏମାନଙ୍କ ବାପା ମା ମାନଙ୍କୁ ଫୁସୁଲେଇ କିଛି ପଇସା ହାତରେ ଦେଇ ତାଙ୍କଠାରୁ ତାଙ୍କର ପିଲାମାନଙ୍କୁ ଛଡାଇ ଆଣି ଏମିତ ହୋଟେଲ ମାଲିକ କିମ୍ବା କୌଣସି କାରଖାନାର ଶ୍ରମିକ ଭାବରେ ବିକ ଦେଇଥାନ୍ତି । ଆଖି ଆଗରେ ଦେଖୁଛତ, କେମିତ ନାରକୀୟ ଜୀବନ ବିତାଉଛନ୍ତି ଏହି ଛୁଆମାନେ ।

ଘରଣୀ – ହଇଓ, ତୁମେପରା ପୁଲିସି । ଏମିତ ଲୋକମାନଙ୍କୁ ହାଜତରେ ପୁରେଇ ଦେଉନ କାହିଁକି ? ଏତେ ଛୋଟ ଛୋଟ ଛୁଆମାନଙ୍କ ଉପରେ ଏତେ ଅନ୍ୟାୟ କରୁଛନ୍ତି ଏଇ ପଶୁ ପ୍ରବୃତ୍ତିର ଲୋକମାନେ ! ଆଉ ତୁମର ଏଇ ପୁଲିସ୍ ଡିପାର୍ଟମେଣ୍ଟ ଚୁପ୍ ବସିଛି ।

ଷଡଙ୍ଗୀ ବାବୁ – ହଁ, ଏମିତ କେସ୍ ଆମ ପାଖକୁ ବେଳେ-ବେଳେ ଆସେ ଏବଂ ଆମେ ଚଢଉ କରି ଦଲାଲ ମାନଙ୍କ ଠାରୁ ପିଲା ମାନଙ୍କୁ ଉଦ୍ଧାର କରି  କୌଣସି ଏନ୍.ଜି.ଓ. ର ଦାୟିତ୍ୱରେ ଦେଇଦେଉ । କିନ୍ତୁ କଥା ହେଲା ମୁଁ ଏକୁଟିଆ ବା କଣ କରିବ, ଏବଂ ବିନା ଏଫ.ଆଇ.ଆର୍. ରେ ପୁଲିସି ବା କଣ କରିବ  । ଏଥିପାଇଁ ପୁରା ପୁଲିସ୍ ଡିପାର୍ଟମେଣ୍ଟର ସହଯୋଗ ଆବଶ୍ୟକ ।

ଘରଣୀ – ତେବେ ଏଇ ପିଲାମାନେ କଣ ସବୁବେଳେ ଏମିତ  ନିର୍ଯ୍ୟାତିତ ହେଉଥିବେ ?

ଷଡଙ୍ଗୀ ବାବୁ – ଅବଶୋଷ ।

ଘରଣୀଙ୍କ ମନଟା ଟିକେ ଫିକା ପଡିଗଲା । ଯେତକ ଯୋରରେ ଭୋକଟା ଲାଗୁଥିଲା ସେତକ ଯୋର ରେ ଭୋକଟା ଉଡିଗଲା । ଉଦାସ ମନରେ ହୋଟେଲରୁ ବାହାର ଆସି ଷଡଙ୍ଗୀ ବାବୁ ଆମର ଯେତେବେଳେ ଜପ୍ ଷ୍ଟାର୍ଟ କରନ୍ତୁ, ଜପ୍ ଆଉ ଷ୍ଟାର୍ଟ ହେଲାନି । ଘରଣୀଙ୍କର ରାଗ ପଞ୍ଚମ ସ୍ୱରରେ ଗାଇଲା – ତୁମେ ଯେମିତ......ତୁମ ପୁଲିସି ଡିପାର୍ଟମେଣ୍ଟ ବ ସେମିତ........ଆଉ ଏ ପୋଡାମୁହାଁ ଜପ୍, ଏ ଅବା ବାଦ୍ ଯିବ କପର....... ତୁମ ଦୁଇଜଣଙ୍କ ଗୁଣ ଏହାର ପାଖରେ ଅଛ । ଦେଖୁନ....... ଅଧା ବାଟରେ କେମିତ ଧୋକା ଦେଉଛ । ଏମିତ କହ ଦୁଇ ଗୋଇଠା ବଧା, ଗୋଇଠା ଜପ୍ କୁ ମାରଦେଲେ........

ଷଡଙ୍ଗୀ ବାବୁ – ହଉ, ହେଲା, କଣ ବଗିଡି ଗଲା ଯେ ତୁମେ ରାସ୍ତା ମଝିରେ ଏତେବଡ ପାଟି ଟା କରୁଛ । ତୁମକୁ ତ ମୁଁ ସମୟରେ ଘରେ ପହଞ୍ଚେଇ ଦେଲେ ଗଲା । ଏତେ ଚନ୍ତା କାହିଁକ । ହଉ ଚାଲ, ଆମେ ବସରେ ପଳେଇବା । ଜପ୍ ଟା ଏଇଠି ଥାଉ । ପରେ କାହାକୁ ପଠେଇ ନେଇଯିବ । ଦୁଇଜଣ ଆସି ବସରେ ବସିଗଲେ ।

ବସ ଛାଡିବାକୁ କଛ ସମୟ ଅଛ ଠିକ୍ ଏତକ ବେଳେ ଗୋଟିଏ ଆଠ ରୁ ଦଶ ବର୍ଷର ଝିଅ କଇଁ-କଇଁ ହୋଇ କାନ୍ଦି ଆସି ଷଡଙ୍ଗୀ ବାବୁ ଆଉ ଘରଣୀଙ୍କ ମଝିରେ ବସି ପଡିଲା । ନୁଖୁରା ବାଳ, ଲାଗୁଛ ଯେମିତ ଅନେକ ଦନରୁ ମୁଣ୍ଡରେ ତେଲ ଲାଗିନ । ଦେହରେ ଖଣ୍ଡେ ଚରା ଫ୍ରକ୍, ଆଉ ସେ ଫ୍ରକ୍ ର ଅନେକ ଯାଗାରେ ଛୁଞ୍ଚି ସୂତା ଦ୍ୱାରା ପଟି ପଡିଥିବାର ଅନେକ ଚହ୍ନ । ହାତ ଆଉ ଗୋଡରେ ଯାଗା ଯାଗା ରେ ଖଣ୍ଡିଆ ର ଦାଗ । ଘରଣୀଙ୍କର ତ ମାର ହୃଦୟ, ଝିଅଟିକୁ ଆଉଁସି ଦେଇ ପଚାରଲେ – ମା ଲୋ, କାନ୍ଦୁଛୁ କାହିଁକ ? ତୁ ଏଠି ଏକୁଟିଆ, ନା ତୋ ସାଙ୍ଗରେ ଆଉ କଏ ଅଛ । କୁନ ଝିଅଟି ଆହୁର ଜୋରରେ କଇଁ-କଇଁ ହୋଇ କାନ୍ଦି ଘରଣୀଙ୍କୁ ଜାବୁଡି ଧରଲା । ଘରଣୀ ଝିଅଟିର ମୁଣ୍ଡ ଆଉଁସି ଦେଇ କହଲେ – ମା, କହ, ତୋ ନାଁ କଣ ? କେଉଁଠୁ ଆସିଲୁ, ତୋ ସାଙ୍ଗରେ ଆଉ କଏ ଅଛନ୍ତ ? କୁନ ଝିଅଟି କୋହ ଉଠେଇ କହଲା – ମୋର ମା, ବାପା କେହ ନାହାନ୍ତ । ମୁଁ ମୋ କକା-ଖୁଡିଙ୍କ ଘରେ ଥିଲ । କନ୍ତୁ

ସେମାନେ ମତେ ସବୁବେଳେ ମାଡ ମାରନ୍ତି । ଖାଇବାକୁ ଦଅନ୍ତି ନାହିଁ । ଦିନଯାକ ପଶୁ ପରି କାମ କରନ୍ତି । ଦେଖ, ଆଜି ମୋତେ କେତେ ମାରିଛନ୍ତି । ଏକଥା କହି ଝିଅଟି ଫଟା ଫ୍ରକଟିକୁ କାଢି ଦେଖାଇ ଦେଲା ।

ଘରଣୀ – ସତରେ କି ନୃଶଂସ ଲୋକ ମ । ଏତେ ଛୋଟ ପିଲାକୁ କଣ କିଏ ଏମିତି ମାରେ........ ଏମାନେ ମଣିଷ ନା ପଶୁ........

ହଉ, ତୁ ମୋ ସାଙ୍ଗରେ ଯିବୁ ? ଝିଅଟି କିଛି ବୁଝି ନପାରି ହୁଁ କହି ମୁଣ୍ଡଟାକୁ ହଲେଇ ଦେଲା........ ଆଉ ଯିବ ବା କୁଆଡେ, ତାର ଆଉ କିଏ ଅଛି ଯେ........

ଷଡଙ୍ଗୀ ବାବୁ – ହଇଓ, କିଛି ନବୁଝି ନସୁଝି ଏକୁଟିଆ ଛୁଆଟା, ସେ କିଏ, କେଉଁଠୁ ଆସିଲା, ତୁମେ ତାକୁ ସାଙ୍ଗରେ ନବ ବୋଲି କଣ କହୁଚ ? କିଏ ଯଦି କୋଉଠୁ ଆସି କମ୍ପ୍ଲେନ୍ କରିବ ଜାଣିଛଟି କଣ ହବ । ମୋ ଚାକରୀଟା ଚାଲିଯିବାର ସମ୍ଭାବନା ଅଛି ।

ଘରଣୀ – ତୁମେ ଆଉ ତୁମ ଚାକରୀ । ନାଁ ଟା ଖାଲି ପୁଲିସି, ସବୁଯାକ ଡର ତୁମଠାରେ । ହଇଓ ଚୋର ତୁମକୁ ଡରିବ କେମିତି । ଛୁଆଟାର ସବୁ ଦାୟିତ୍ୱ ମୁଁ ନେବି । ତୁମର କୌଣସି ଚିନ୍ତା କରିବାର ନାହିଁ । ଏହା କହି ଘରଣୀ ଛିଅଟିକୁ କୋଳକୁ ଟାଣିନେଲେ । କୁନି ଝିଅଟି ମଧ କିଛି ବୁଝି ନପାରି ଛୋଟ ବଳେଇ ଛୁଆଟିଏ ପରି ବଲ-ବଲ କରି ଚାହିଁ କୋଳକୁ ପଶିଗଲା ଯେମିତି ବହୁତ ଦିନରୁ ସେ ଏହି ମୁହୁର୍ତ୍ତର ଅପେକ୍ଷାରେ ଥିଲା – ମାଆର ସ୍ନେହ ଟିକେ ପାଇବା ପାଇଁ........

ଘରେ ପହଞ୍ଚି ଅନ୍ୟ ସଦସ୍ୟ ମାନଙ୍କ ଆଗରେ ଘରଣୀ ଦିନକର ପୁରା ଘଟଣା ବଖାଣି ଗଲେ । ଘରଣୀଙ୍କର ଏମିତି ଏକ ସ୍ନେହପୂର୍ଣ୍ଣ ସାହସିକ କାର୍ଯ୍ୟ ଦେଖି ସମସ୍ତେ ଖୁବ୍ ପ୍ରଶଂସା କଲେ ଏବଂ କୁନି ଝିଅଟିକୁ ମଧ ଆପଣେଇ ନେଲେ........ ତା ପରେ କୁନି ଝିଅଟିର ଆଦର କହିଲେ ନସରେ । ପୁରୀରୁ ଆସିଥିବାରୁ ନାଁଟା ଦିଆଗଲା ପୂର୍ବୀ । ଦେହରୁ ତାର ଛିଣ୍ଡା ଫ୍ରକଟିକୁ ଓହ୍ଲେଇ ଦିଆଗଲା । ସାଙ୍ଗେ-ସାଙ୍ଗେ ଷଡଙ୍ଗୀ ବାବୁ ଘରପାଖ ବଜାରରୁ ଦୁଇଖଣ୍ଡ ନୂଆ ଫ୍ରକ ପୂର୍ବୀ ପାଇଁ କିଣି ଆଣିଲେ । ନୁଖୁରା ବାଳରେ ତେଲ ଲଗାଇ ଘରଣୀ ଭଲ ଭାବରେ ବେଣି ପକାଇ ନାଲି ଫିତାରେ ପୂର୍ବୀର ମୁଣ୍ଡଟାକୁ ବାନ୍ଧି

ଦେଲେ । ଦେହରେ ସାବୁନ ଲଗେଇ ସଫାସୁତରା କରି ପୂର୍ବୀକୁ ଗାଧୋଇ ଦେଇ ସମସ୍ତଙ୍କ ଆଗରେ ଆଣି ଠିଆ କରାଇ ଦେଲେ । ସତରେ, ଆଜି ପୂର୍ବୀ ସରଗର ଚାନ୍ଦ ପରି ଦେଖା ଯାଉଥିଲା । ଛୋଟ-ଛୋଟ କୋମଳ ହାତ ଦୁଇଟାକୁ ଧରି ଘରଣୀ ପୂର୍ବୀ କୁ କୋଳକୁ ଟାଣିଆଣି ଗୋଡରେ ବସେଇ ନିଜ ହାତରେ ଦୁଧ ଭାତ ଖୁଆଇ ଦେଲେ । ପୂର୍ବୀ ପାଇଁ ଏ ସବୁ କିଛି ଥିଲା ଏକ ନୂତନ ଅନୁଭୂତି........

ଜନ୍ମରୁ ତା ମା-ବାପାଙ୍କୁ କେବେବି ସେ ଦେଖିନି କି ମାଆର ସ୍ନେହ କଣ କିଛି ଜାଣେନି । ଏହି ସ୍ନେହ, ଆଦରର ଅନୁଭବ ତା ପାଇଁ ଥିଲା ସବୁ ନୂଆ-ନୂଆ । ପୋଷା ବିଲେଇ ଛୁଆଟିର ମୁଣ୍ଡ ଆଉଁଷି ଦେଇ ଦୁଧ ଭାତ ଖୋଇ ଦେଲେ ବିରାଡିଟି ଯେମିତି ଚୁକୁ-ଚୁକୁ କରି ଖାଇଯାଏ, ପୂର୍ବୀ ମଧ୍ୟ ଠିକ୍ ପୋଷା ବିଲେଇ ପରି ଘରଣୀଙ୍କ ହାତରୁ ଚୁକୁ-ଚୁକୁ କରି ଦୁଧ ଭାତ ଖାଇଯାଉ ଥାଏ ଭବିଷ୍ୟତର ଚିନ୍ତା ନକରି । ଏତେ ଛୋଟ ଛୁଆ, ଭବିଷ୍ୟତ କଣ ସେ ଜାଣେନି । ସେ ଜାଣେ ଖାଲି ଟିକେ ସ୍ନେହ ଆଉ ଶ୍ରଦ୍ଧା........ ଯେଉଁଠି ସ୍ନେହ, ସେଇଠି ତାର ମନ........

କିଛି ଦିନ ପରେ ଘରଣୀ ପୂର୍ବୀକୁ ସ୍କୁଲ ପଠେଇବା ପାଇଁ ମନ ବଳେଇଲେ । ଘର ପାଖ ସ୍କୁଲ ରେ ପୂର୍ବୀର ନାମ ଲେଖାଇ ଦିଆଗଲା । ପୂର୍ବୀର ଖୁସୀ କହିଲେ ନ ସରେ । ସ୍କୁଲ ଯିବ, ପାଠ ପଢିବ, ସେଠି ତାକୁ ବହୁତ ସାଙ୍ଗ ମିଳିବେ । ଧିରେ-ଧିରେ ପୂର୍ବୀକୁ ସିଖାଗଲା ପଶୁତ୍ୱରୁ ମୁକ୍ତି ହୋଇ କିପରି ମଣିଷତ୍ୱକୁ ଗ୍ରହଣ କରାଯାଏ । ପୂର୍ବୀ ବି ଧିରେ-ଧିରେ ମଣିଷତ୍ୱ ଆଡକୁ ଗତି କଲା........

ଏମିତି କିଛି ଦିନ ଗଲା ପରେ ଧିରେ-ଧିରେ ପୂର୍ବୀକୁ ଘରର ଛୋଟ-ଛୋଟ କାମ କରିବାକୁ କୁହାଗଲା । ଲୁଗାପଟା ଶୁଖେଇବାଠାରୁ ଆରମ୍ଭ କରି ଘରଣୀଙ୍କ ପୁଅ କୁ ଧରିବା, ଖେଳେଇବା ଛଡା ଘରର ଅନ୍ୟ ସଦସ୍ୟମାନଙ୍କର ଛୋଟ-ଛୋଟ କାମ ମଧ୍ୟ ପୂର୍ବୀ ଦ୍ୱାରା କରାଗଲା । ଏହାଦ୍ୱାରା ପୂର୍ବୀର ପାଠପଢାରେ ମଧ୍ୟ ବ୍ୟାଘାତ ଘଟିଲା । ଶାରୀରିକ ପରିଶ୍ରମ ଦ୍ୱାରା ପୂର୍ବୀର ମାନସିକ ଅବସ୍ଥାରେ ବି ପରିବର୍ତ୍ତନ ଆସିଲା ଯଦ୍ୱାରା ସେ ପୁରାପୁରି ମାନସିକ ରୂପରେ ଅସୁସ୍ଥ ହୋଇ ଛୋଟ-ଛୋଟ ଭୁଲ କରିବାକୁ ଲାଗିଲା........

ପ୍ରତିଦିନ ଷଡଙ୍ଗୀ ବାବୁ ଅଫିସରୁ ଫେରିବା ପରେ ଘରଣୀଙ୍କର ପୂର୍ବୀ ବିରୁଦ୍ଧରେ ଅଭିଯୋଗ ।

ଆଜ କାହା ଛୁଆକୁ ବାଡେଇଛ, ତା ମା ଆସି ମୋ ଦୁଆର ମୁହଁରେ ଝଟାପଟା କଲ । ଆଜ ପର୍ଯ୍ୟନ୍ତ ମୋ ଦୁଆରକୁ ଆସିବାକୁ କେହ ସାହସ କର ନଥିଲେ । ଏ ଅଲେକ୍ଷେଣୀ ଆସିବା ଦନରୁ ସବୁ ଅଘଟଣ ଘଟୁଛ । କାହା ବାଡିରୁ ଗ୍ଛୋଟ ପିଜୁଳଟିଏ ଛଣ୍ଡେଇ ଦେବା, କାହା ସାଙ୍ଗରେ ଟାହ-ଟାପର୍ କରବା ଏଇପର ଅନେକ ଗ୍ଛୋଟ-ଗ୍ଛୋଟ ବାଳ-ସୁଲଭ ଗୁଣ ପୂର୍ବୀର ଆଜକାଲ ଘରଣୀଙ୍କୁ ବହୁତ ଅଡୁଆରେ ପକଉଥାଏ । ସବୁବେଳେ ପୂର୍ବୀକୁ ଗାଳଗୁଲଜ । ଏମିତ ଦନ ଆସିଲ୍ ଯେ ଯେଉଁଦନ ଘରଣୀ ପୂର୍ବୀକୁ ଗାଳ ନଦେବେ ତାଙ୍କର ଇନ୍‌ଡାଇଜେସନ୍ ପ୍ରୋବ୍ଲେମ୍ ଦେଖାଗଲ୍ । କଛଟା କ୍ଷେତ୍ରରେ ପୂର୍ବୀ ଷଡଙ୍ଗୀ ବାବୁ ଏବଂ ବୁଢା ବାପା ମାଙ୍କର ଟିକେ ଆଦର ପାଇ ଗାଳ ସହ ସବୁକଛ ଭୂଲଯାଏ । ଆଉ ଯିବ ବା କୁଆଡେ । କଏ ଅଛ ତାର....... ଝିଅପିଲ୍ ସେ........

ଦନେ ତ ତୁମୁଳ କାଣ୍ଡ ଘଟିଗଲ୍ । ପୂର୍ବୀ ସ୍କୁଲରୁ ଆସି ବାସନ ନ ମାଜ ଖେଳବାକୁ ପଳାଇ ଥିବାରୁ ଘରଣୀ ଗ୍‌ଗରେ ପଞ୍ଚମ ଧ୍ୱନୀ ବାହାର କର ଗାଳ ଦେବା ସହତ ପୂର୍ବୀକୁ ମାଡ ମାର, ଘୋଷାରୀ -ଘୋଷାରୀ ଘରୁ ବାହାର କରଦେଲେ । ଝିଅ ପିଲ୍ ସେ । ଯିବ ବା କୁଆଡେ । କାନ୍ଦି-କାନ୍ଦି ପୂର୍ବୀ ଘର ବାରଣ୍ଡାରେ ଖାଲ ଲଟର-ପଟର ହେଉଥାଏ, ଠିକ୍ ପୋଷାମାନ ରହଥିବା ପଶୁଟିଏ ପର........

ସନ୍ଧ୍ୟାବେଳେ ଷଡଙ୍ଗୀ ବାବୁ ଘରକୁ ଫେର ପୂର୍ବୀର ଏହ ଅବସ୍ଥା ଦେଖି ହତାସ, ନରାଶ ଆଉ ଯନ୍ତ୍ରଣାରେ ଭାଙ୍ଗିପଡି ଘରଣୀଙ୍କୁ କହଲେ – ମୁଁ ତୁମକୁ ପ୍ରଥମରୁ ମନା କରଥିଲ ଛୁଆଟିକୁ କୋଳକୁ ନଅନ ବୋଲ । ମୁଁ ଜାଣିଥିଲ ତୁମେ ପାରବନ, କାରଣ ତୁମେ ମଣିଷ । ଆଜର ଏହ ସମାଜ ମଣିଷକୁ ପୃଥିବୀର ସର୍ବଶ୍ରେଷ୍ଠ, ବୁଦ୍ଧିମାନ, ଉଚ୍ଚତମ ଏବଂ ଶ୍ରେଷ୍ଠ ପ୍ରାଣୀ ଭାବରେ ପରଚତ କରାଇଛ । କନ୍ତୁ ଏ ମଣିଷ କରୁଛ କଣ ? ପଶୁଠାରୁ ବ ଘୃଣ୍ୟ କାମ । ଯଦ ଆମେ ମନୁଷ୍ୟତାର ବଶେଷତାକୁ ସଦୁପଯୋଗ ନକର ପଶୁ ଭଳ କର୍ମ କରବା, ତେବେ ଦନେ ଏହ ପଶୁ ମାନେ ସମାଜରେ ମଣିଷଠାରୁ ଉଚ୍ଚତର ପ୍ରାଣୀ କୁହାଇବେ........

ମନୁଷ୍ୟକୁ ତାର କର୍ମଫଳ ଭୋଗ କରବାକୁ ପଡେ । କନ୍ତୁ ପଶୁ ମାନଙ୍କର କୌଣସି କର୍ମଫଳ ନାହିଁ କ ପଶୁମାନେ କୌଣସି ମଣିଷ ସୁଲଭ କର୍ମ କରନ୍ତୁ ନାହିଁ । ତୁମେ ପୂର୍ବୀକୁ ପଶୁତ୍ୱରୁ ମୁକ୍ତି କରାଇ

ମଣିଷତ୍ୱର ବାସ୍ନାକୁ ଅନୁଭବ କରାଇବା ପରେ ପୁଣି ତାକୁ ସେହି ପଶୁର ସମାଜକୁ ଠେଲିଦେବାକୁ ଚେଷ୍ଟା କରୁଛ ? ଝିଅଟା ଯିବ ବା କୁଆଡେ........ ଏହି ପଶୁର ସମାଜକୁ........ ଯେଉଁଠି ଏହି ମଣିଷ ରୂପି ପଶୁ ତାକୁ ଖିନ୍-ଭିନ୍ କରି ଖାଇଦେବେ........

ଅଶ୍ରୁଭରା ନୟନରେ ଷଡଙ୍ଗୀବାବୁ ପୂର୍ବୀକୁ କୋଳେଇ ନେଇ ଘରଣୀଙ୍କୁ କହିଲେ – ଆଜିଠାରୁ ମୁଁ ପୂର୍ବୀର ଦେଖାଶୁଣା କରିବି । ଯେଉଁ ପର୍ଯ୍ୟନ୍ତ ତାର ଯୋଗ୍ୟ ପାତ୍ର ଖୋଜି ତାର ହାତକୁ ଦୁଇ ହାତ କରି ନଦେଇଛି ଏବଂ ତାକୁ ପଶୁତ୍ୱରୁ ମୁକ୍ତି ନଦେଇଛି........ ମୁଁ ତାକୁ ପଶୁତ୍ୱରୁ ଊର୍ଦ୍ଧ୍ୱକୁ ନେବି........ ପଶୁତ୍ୱର ଊର୍ଦ୍ଧ୍ୱରେ ଦିନେ ପୂର୍ବୀ ଠିଆହେବ........ ପଶୁତ୍ୱରୁ ଊର୍ଦ୍ଧ୍ୱରେ.......

ସଂସାରରେ ପୂର୍ବୀ ପରି ଏମିତି ଅନେକ ପିଲା ପଶୁଭଳି ଜୀବନଯାପନ କରୁଛନ୍ତି । କିନ୍ତୁ ଆମ ମଣିଷଙ୍କର କଣ କର୍ତ୍ତବ୍ୟ ନୁହେଁ ସେମାନଙ୍କୁ ପଶୁତ୍ୱରୁ ମୁକ୍ତି ଦେଇ ମନୁଷ୍ୟରେ ପରିଣତ କରାଇବା । ଟିକେ ଭାବି ଦେଖନ୍ତୁ ତ........ ଆପଣ ଯଦି ପଶୁତ୍ୱ ଭଳି ଜୀବନଯାପନ କରିଥାନ୍ତେ........

ମୁମ୍ବାଇ, mamata.dash1234@gmail.com

# ସର୍ବବ୍ୟାପୀଙ୍କୁ ନେଇ ରଜନୀତ

ପ୍ରହଲ୍ଦ ଖଟୋଇ



ଜଗତର ନାଥ ଜଗନ୍ନାଥ ଓଡ଼ିଶାବାସୀଙ୍କୁ ଆରାଧ୍ୟ ଦେବତା, ନୀଳାଚଳବାସୀ, କୋଟି ସୂର୍ଯ୍ୟଙ୍କର ତେଜନେଇ ସେଇ କାଳଆ ଠାକୁର ନୀଳକନ୍ଦରରେ ବରାଜମାନ । ପ୍ରତ୍ୟେକ ଓଡ଼ିଆ ପ୍ରାଣର ସ୍ପନ୍ଦନ । ମାନବୀୟ ଲୀଳାଖେଳାକୁ ଆଧାର କର ଏକ ମହାନ ସଂସ୍କୃତ ଗଢ଼ିଉଠିଛି । ଏ ସଂସ୍କୃତ ନୂଆ ନୁହେଁ । ଏହା ଉପରେ କେତେଯେ କମ୍ବଦନ୍ତୀ ଲମ୍ବିଛି ତାହା ଲେଖକର ଭାବନାର ବାହାରେ । ତେବେ ଯାହା ହେଉ ଆମର ଜଗନ୍ନାଥ ସଂସ୍କୃତ ଆମର ହେଉଛି ପ୍ରାଣକେନ୍ଦ୍ର । ଜଗନ୍ନାଥଙ୍କର ମାନବୀୟ ଲୀଳା ଏହାର ଜ୍ୱଳନ୍ତ ଉଦାହରଣ । ଯେଉଁ ଠାକୁରଙ୍କର ବାରମାସରେ ତେର ପର୍ବ ପାଳନ ହୁଏ, ଯେଉଁଠି ଠାକୁର ନଜ ଆସନ ଛାଡ଼ିଦେଇ ଭକ୍ତ ମୋହରେ ବଡ଼ଦାଣ୍ଡରେ ଓହ୍ଲାଇ ଆସନ୍ତ ରଥଯାତ୍ରା କରବାପାଇଁ, ସେ ମହାନ । ଭକ୍ତ ଭଗବାନଙ୍କ ପାଖକୁ ଯାଏ, କନ୍ତୁ ଜଗନ୍ନାଥଙ୍କ ଲୀଳା ବଚତ୍ର ସେ ନଜେ ଓହ୍ଲାଇ ଆସନ୍ତ ବଡ଼ଦାଣ୍ଡରେ ଭକ୍ତଙ୍କ ସମାଗମକୁ ଦେଖିବାକୁ । ସମସ୍ତଙ୍କର ଭଲମନ୍ଦ ବୁଝିବାପାଇଁ । ଭକ୍ତ ଯେଉଁଠି ହୋଇଯାଏ ଗଦଗଦ ।

କନ୍ତୁ ଏହ ସମ୍ପର୍କ ବା ଧାର୍ମିକ ଭାବନାକୁ ଯଦ ଖଣ୍ଡବଖଣ୍ଡିତ କରଯାଏ, ଏହା ଆଦୌ ଗ୍ରହଣୀୟ ହୋଇ ରହେନାହିଁ । ଜଗନ୍ନାଥଙ୍କର ଅନେକ ଲୀଳା ମଧ୍ୟରେ ରହଛି, ନବକଳେବର ଲୀଳା, ଯେଉଁଠି ଠାକୁର ନଜର ପୁରୁଣା ବଗ୍ରହ ତ୍ୟାଗକର ନୂତନ ବଗ୍ରହରେ ବରାଜମାନ ହୁଅନ୍ତ, ବ୍ରହ୍ମ ପରବର୍ତ୍ତନ କରନ୍ତ । ଏହ ନବକଳେବର ଏକ ଗୁପ୍ତ ସେବା । ବଶ୍ୱାବସୁ ଏବଂ ବଦ୍ୟାପତଙ୍କ ବଂଶଧରମାନେ ଏହ ସେବାକୁ ସମାପନ କରଥାନ୍ତ । କନ୍ତୁ ସାଂପ୍ରତକ ସମୟରେ ଏହ ସେବା ଆଉ ଗୁପ୍ତ ହୋଇ ରହନାହିଁ, ଏବଂ ଏହା ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି । ମହାପ୍ରଭୁଙ୍କ ସମସ୍ତ ଗୁପ୍ତସେବା ବର୍ତ୍ତମାନ

ସର୍ବଜନବଦିତ ହେଲାଣି । ଏହା ଭକ୍ତଙ୍କର ଧାର୍ମିକ ଭାବନାକୁ ଆଘାତ ଦେବାପାଇଁ ଯଥେଷ୍ଟ ।

ଦୀର୍ଘ ୧୯ ବର୍ଷର ବ୍ୟବଧାନପରେ ଚଳିତବର୍ଷ ଅନୁଷ୍ଠିତ ହେଉଥିବା ନବକଳେବରରେ ସବୁକ୍ଷେତ୍ରରେ ତତ୍ପରତା ବୃଦ୍ଧି ପାଇଛି କିନ୍ତୁ ବନଯାଗ ଯାତ୍ରାଠାରୁ ଦାରୁ ସନ୍ଧାନ ପର୍ଯ୍ୟନ୍ତ ଯେଉଁଭଳି ଭାବରେ ଦଇତାପତିମାନେ ଓ ପ୍ରଶାସନ ଭିତରେ ବିରୋଧାଭାସ ହୋଇ ଏହାର ପରିଚାଳନା ସମ୍ପୂର୍ଣ୍ଣଭାବେ ଅସ୍ତବ୍ୟସ୍ତ ହୋଇଛି, ଏହା ସମବେତ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି ।

ପ୍ରଭୁଙ୍କ ନବକଳେବରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଘଟ / ବ୍ରହ୍ମ ପରିବର୍ତ୍ତନ ବିଧି । ମାଦଳାପାଞ୍ଜି ଅନୁଯାୟୀ ଏହି କ୍ରିୟା ନିଶାର୍ଦ୍ଧ (ଅଧରାତି)ରେ ବୟସ୍କ ଦଇତାପତିମାନଙ୍କ ଦ୍ୱାରା ସମାହିତ ହେବା କଥା । ଯେଉଁମାନେ ଘଟ ପରିବର୍ତ୍ତନ କରିବେ ସେମାନଙ୍କ ଆଖିକୁ ଅନ୍ଧପଟୁଳିରେ ବାନ୍ଧିଦିଆଯାଏ, ଏବଂ ହାତ ଆଙ୍ଗୁଠିରେ ରେସମ କପଡ଼ା ଗୁଡ଼ାଇ ଦିଆଯାଏ, ଯେମିତି ସେମାନେ ବ୍ରହ୍ମ ପଦାର୍ଥକୁ ଛୁଇଁ ପାରିବେ ନାହିଁ । ଏହା ହେଉଛି ବିଧି ବା ନିୟମ । ଯେହେତୁ ଶ୍ରୀମନ୍ଦିର ହେଉଛି ଜଗନ୍ନାଥଙ୍କ କ୍ଷେତ୍ର ଆମେ ସମସ୍ତେ ଏହି ସବୁ ନିୟମ ମାନିବାକୁ ବାଧ୍ୟ ।

ଚଳିତବର୍ଷ ଯେଉଁ ସମୟରେ ଘଟପରିବର୍ତ୍ତନ ହେବ ବୋଲି ଘୋଷଣା ହୋଇଥିଲା ସେଇ ସମୟରେ ସମୁଦାୟ ବଡ଼ଦାଣ୍ଡ ଜନାରଣ୍ୟ ହୋଇଥିଲା ଏବଂ ଘରେ ଘରେ ଅଖଣ୍ଡଦୀପ ଜଳୁଥିଲା, ହେଲେ ପରେ ଜଣାପଡ଼ିଲା ଯେ ଘଟ ପରିବର୍ତ୍ତନ ରାତିରେ ନ ହୋଇ ଦିନ ଦିପହରରେ ହେଲା, ଆଉ ଯେଉଁମାନେ ଘଟପରିବର୍ତ୍ତନ କରିବା କଥା ସେମାନଙ୍କ ବ୍ୟତୀତ ଆହୁରି ଅନେକ ଦଇତାପତି ଜବରଦସ୍ତି ଘଟ ଦର୍ଶନ କଲେ । ଖବରରେ ଆହୁରି ମଧ୍ୟ କୁହାଗଲା ଯେ କିଛି ଦଇତାପତି ମୋବାଇଲ୍ ନେଇ ମନ୍ଦିର ଭିତରକୁ ଯାଇଥିଲେ ଏବଂ ସେମାନେ ବ୍ରହ୍ମର ଫୋଟୋ ଉଠେଇଛନ୍ତି । ଏହି ସବୁ ବିଭ୍ରାଟ ପାଇଁ ଦାୟୀ କିଏ ? ଦଇତାମାନେ ନା ପ୍ରଶାସନ? ଏମାନଙ୍କୁ କିଏ ଅଧିକାର ଦେଲା ଏହି ସବୁ କାର୍ଯ୍ୟରେ ବିଶୃଙ୍ଖଳା କରିବାପାଇଁ । ଯଦି ଘଟ ପରିବର୍ତ୍ତନ ୧୫ ତାରିଖ ରାତିରେ ହେବାର ଥିଲା, ତେବେ ମନ୍ଦିରକୁ ଦିନ ୧୦ଟାରେ ବନ୍ଦ କରି ଦିଆଯାଇଥାନ୍ତା । ଯଦି ପ୍ରଶାସନ ଜାଣିଥିଲା ଯେ କୌଣସି ପ୍ରକାର ଅଘଟଣ ଘଟିବାକୁ ଯାଉଛି, ତା ହେଲେ ପୋଲିସର ସୁରକ୍ଷା ବ୍ୟବସ୍ଥା କରାଗଲା ନାହିଁ କାହିଁକି ? ସବୁ ଘଟଣା ସରିବାପରେ ଏହାପାଇଁ କମିସନ୍ ବସିବ, ଦୋଷୀକୁ ଦଣ୍ଡ ମିଳିବ, ସବୁ ହେବ କିନ୍ତୁ ଘଟ

ପରିବର୍ତ୍ତନ ଆଉ ଦାରୁ ସନ୍ଧାନ କିଏ ପଛକୁ ଫେରି ଆସିବ କି ?

ଯେଉଁ ଠାକୁରଙ୍କ ଯୋଗୁଁ ସମସ୍ତ ଓଡ଼ିଆ ଜାତି ବିଶ୍ୱଦରବାରରେ ନମସ୍ୟ ହୋଇଛି, ସେହି ଠାକୁରଙ୍କ ବିଧିରେ ଏମିତି ବିଭ୍ରାଟ କାହିଁକି, ଠାକୁରଙ୍କୁ ନେଇ ଏତେ ରାଜନୀତି କାହିଁକି ? ଧାର୍ମିକ ଭାବନାକୁ ରକ୍ଷା କରିବାକୁ ହେଲେ ଆମକୁ ସମ୍ପୂର୍ଣ୍ଣ ଭାବେ ରାଜନୀତିରୁ ମୁକ୍ତ ହେବାକୁ ପଡ଼ିବ । ଦଇତାମାନଙ୍କ ଆଧିପତ୍ୟକୁ ଦମନ କରିବାକୁ ପଡ଼ିବ । ନହେଲେ ଲୋକମାନଙ୍କ ମନରୁ ଭଗବାନଙ୍କ ପ୍ରତି ଥିବା ଭକ୍ତି ଓ ଶ୍ରଦ୍ଧା କମିଯିବ ଏଥିରେ ସନ୍ଦେହ ନାହିଁ । ଠାକୁରଙ୍କର ଯେତେବେଳେ ସେବା, ପୂଜା କରାଯାଏ ସେତେବେଳେ ମନରେ କୌଣସି ଅହଂ ନ ରଖି କାର୍ଯ୍ୟ ସମ୍ପାଦନ କରିବା କଥା । ଯେଉଁ ବିଭ୍ରାଟ ଘଟିଗଲା ତାର କୌଣସି ସମାଧାନ ନାହିଁ । ଆମେ ଦୋଷ କରୁଛେ, କିନ୍ତୁ ସବୁ ଦୋଷ ଠାକୁରଙ୍କ ଉପରେ ଲଦି ଦେଉଛେ । ତେଣୁ ବିନାଶକାଳେ ବିପରୀତ ବୁଦ୍ଧି ହେଉଛି । ଯେଉଁଠାକୁର ଯୁଗ ଯୁଗରୁ ଆମ ସଂସ୍କୃତି, ସଭ୍ୟତାକୁ ସବୁ ବିପତ୍ତିରୁ ଘଣ୍ଟଘୋଡ଼େଇ ରଖିଛନ୍ତି ସେହି ଠାକୁରଙ୍କୁ ନେଇ ହେଉଥିବା ରାଜନୀତି କରୁଥିବା ଲୋକଙ୍କୁ ଉଚିତ ଶିକ୍ଷା ଦିଆଯାଉ । ନଚେତ ଏହି ମହାନ ପରମ୍ପରା ଓ ସଂସ୍କୃତି ଧୁଳିସାତ୍ ହୋଇଯିବ । ହୁଏତ ଆଗାମୀ ବଂଶଧର ମାନେ ଆଉ ଠାକୁରଙ୍କ ଭକ୍ତି କରିବେ ନାହିଁ ।

# ମାତାପିତା

ରଞ୍ଜନ ସ୍ୱାଇଁ



ମାତା ପିତା ତୁମେ ସାକ୍ଷାତ ଠାକୁର

ମୋ ହୃଦୟ ମନ୍ଦିରର

ଜନ୍ମଦାତା ତୁମେ ମହାନ ଦେବତା

ଘେନ ମୋର ନମସ୍କାର ।

ତୁମ ମନେ କେବେ ଦେବ ନାହିଁ ଦୁଃଖ

ଆଜ ଏ ଶପଥ ମୋର

ସଂସାରର ସବୁ ଖୁସି ଆଣିଦେବ

ସାଜ ଶ୍ରବଣ କୁମାର ।

ତୁମର ସେବାରେ ଦନ କାଟୁଥିବ

କରବନ ଅନାଦର

ତୁମର ଦୟାରେ ପାଇଛ ଜୀବନ

ଧନ୍ୟ ଏ ଜୀବନ ମୋର ।

ଲକ୍ଷ୍ମୀନାରାୟଣ ପୁର, ଗଜ ରଣପୁର, ନୟାଗଡ଼

# ରଞ୍ଜିତା

ଭଗିରଥୀ ବେହେରା



ତୁମର ସୁରରେ ମୁଁ ସୁରଭିତ

ସୁରରେ ସୁରରେ

ମୁଁ ଭୁଲିନି ଅତୀତ,

ଅଗ୍ନିକ ତୁମେ କିନ୍ତୁ

ରୂପ ବଦଳିଛ

କରିଛ ଆଜ

ଆମ ଇତିହାସ କଳଙ୍କିତ ।

ମୋର ସ୍ୱପ୍ନରେ ତୁମେ ତ ସ୍ୱପ୍ନିତ

ସ୍ୱପ୍ନରେ ସ୍ୱପ୍ନରେ

ତୁମେ ମରିଛ କି ଜୀବିତ

ଅଗ୍ନିକ ମୁଁ କିନ୍ତୁ

ଋତୁ ପାଲଟିଛି

କରିଛି ଆଜ ନିଜକୁ

ରକ୍ତରେ ରଞ୍ଜିତ ।

ବ୍ରହ୍ମପୁର

# କବତା ଘର ୨୦୧୫

କବତାଘର ୨୦୧୫ ପୁରସ୍କାର ପାଇଁ ପ୍ରଥମ ସୋପାନରେ ୨୦ ଜଣ କବ

ବ୍ରହ୍ମପୁର, ୯-୭-୨୦୧୫ : ଗଞ୍ଜାମ ଜଲ୍ଲାର ନୂତନ ଏବଂ ଅଗ୍ରଣୀ ସାହତ୍ୟ ଅନୁଷ୍ଠାନ ‘କବତା ଘର’ ୨୦୧୫ ପାଇଁ ଶ୍ରେଷ୍ଠ କବ ଚୟନର ପ୍ରଥମ ସୋପାନ ସମ୍ପାଦକ ଭଗିରଥୀ ବେହେରା, ପ୍ରତଷ୍ଠାତା ଡା ଗଜେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ପ୍ରହଲ୍ଲାଦ ବେହେରା, ସହ ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ଓ ନୀଳକଣ୍ଠ ସାହୁଙ୍କ ମିଳତ ଉଦ୍ୟମରେ ସମାପନ ହୋଇଛ । ସମ୍ପାଦକ ଅନୁଷ୍ଠାନ ତରଫରୁ କୋଡ଼ିଏ ଜଣ କବ ଓ ନାରୀକବଙ୍କ ନାମ ଘୋଷଣା କରଛନ୍ତ ।

ସମ୍ପାଦକଙ୍କ ସୂତ୍ରରୁ ପ୍ରକାଶ ଯେ ଗଞ୍ଜାମ ଜଲ୍ଲାର କବ ଓ ନାରୀକବମାନଙ୍କୁ ନେଇ ଏକ କବତା ସଙ୍କଳନ ପ୍ରକାଶ ପାଇବା ନେଇ ଫେବୃଆରୀ ମାସରେ ଆନୁଷ୍ଠାନକ ଭାବରେ ଘୋଷଣା କରାଯାଇଥିଲା । ସେ ମଧ୍ୟରୁ ଜଣେ ଶ୍ରେଷ୍ଠ କବ ଚୟନ କରାଯାଏ ତାଙ୍କର କବତା ସଂକଳନକୁ ବନା ମୂଲ୍ୟରେ ପାଣ୍ଡୁଲପିଟିଏ ପ୍ରସ୍ତୁତ କରାଯିବ ବୋଲ କୁହାଯାଇଥିଲା । ଏଥିପାଇଁ ତନଟି ସୋପାନରେ କବ ଚୟନ ପ୍ରକ୍ରୟା ଥିବା ବେଳେ ପ୍ରାଥମିକ ସୋପାନରେ ୨୦ ଜଣ କବଙ୍କ ନାମ ଘୋଷଣା କରାଯାଇଛ । ଏହ ତାଲକାରେ ସ୍ଥାନ ପାଇଛନ୍ତ, ବ୍ରହ୍ମପୁରରୁ ଭାଗ୍ୟଲକ୍ଷ୍ମୀ ମହାରଣା, ଡା ସଞ୍ଜୟ କୁମାର ପଣ୍ଡା, କେ ଶ୍ୟାମବାବୁ ଦୋରା, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ପଦ୍ମନୀ ମିଶ୍ର, ନୀଳକଣ୍ଠ ସାହୁ, ସୁଦାମ ପାଣିଗ୍ରାହୀ, ଶରତ କୁମାର ଦାଶ, ଇଂ ବଦ୍ୟୁତପ୍ରଭା ଶତପଥୀ, ଭଞ୍ଜନଗରରୁ ଡଃ ସୁରେଶ ଚନ୍ଦ୍ର ପଣ୍ଡା, ବଂଶୀଧର ଷଡ଼ଙ୍ଗୀ, ପ୍ରଶାନ୍ତ ମହାନ୍ତ, ବାଳକୃଷ୍ଣ ପଟ୍ଟନାୟକ, ରମ୍ଭାରୁ ଭକ୍ତବତ୍ସଳ ନାହକ, ପଞ୍ଚାନନ ଖଟୁଆ, ପାତ୍ରପୁରରୁ ନହାର ରଞ୍ଜନ ପାଢ଼ୀ, ସୁଶାନ୍ତ ପଟ୍ଟନାୟକ, କଳ୍ପଲତା ମହାରଣା, ଦଗପହଣ୍ଡିରୁ ସରୋଜନୀ ସାହୁ, ଏବଂ ପୋଲସରାରୁ ତ୍ରନାଥ ପ୍ରଧାନ ।

କବତା ଘର ୨୦୧୫ର ପ୍ରତଷ୍ଠାତା ବଶିଷ୍ଟ ଚକ୍ଷୁଚକତ୍ସା ବଶେଷଜ୍ଞ ଡାକ୍ତର ତଥା ପ୍ରାବନ୍ଧିକ ଡା ଗଜେନ୍ଦ୍ର

# କବିତା ଘର ୨୦୧୫

କୁମାର ବେହେରାଙ୍କ ଅନୁସାରେ ଏହା ଏକ ଉତ୍ତମ ପଦକ୍ଷେପ ଯାହାଦ୍ୱାରା କବିସମ୍ରାଟ ଓ କବିସୂର୍ଯ୍ୟଙ୍କ ପରି ବରପୁତ୍ର ପାଇଥିବା ଗଞ୍ଜାମ ମାଟିରେ ଜନ୍ମଥିବା ବ୍ୟକ୍ତିମାନେ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିପାରିବେ ।

ଉପଦେଷ୍ଟା ପ୍ରହଲ୍ଲାଦ ବେହେରାଙ୍କ ତରଫରୁ କବି ଓ ନାରୀକବିଙ୍କୁ ଅନେକ ମାତ୍ରାରେ ଯୋଗଦେଇ ଏହି ଅଭିଯାନକୁ ସଫଳ କରିଇବା ପାଇଁ ଆହ୍ୱାନ ଦିଆଯାଇଛି । ଯେଉଁମାନେ କବିତାଘର ୨୦୧୫ ପାଇଁ କବିତା ପଠାଇବାକୁ ଚାହାନ୍ତି ସେମାନେ ସମ୍ପାଦକ, କବିତା ଘର, ମାର୍ଫତ - କଳ୍ପମନ ବେହେରା, ମାଳୀ ସାହି, ଆଙ୍କୁଲି, ବ୍ରହ୍ମପୁର, ୭୬୦୦୧୦ ଠିକଣାରେ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି ।

ବି.ଦ୍ର. : ଏ ଅଭିଯାନ କେବଳ ଗଞ୍ଜାମ ଜିଲ୍ଲାର କବି ଓ ନାରୀ କବିଙ୍କ ପାଇଁ ଉଦ୍ଦିଷ୍ଟ ।

ଆହ୍ୱାନର ଆଗାମୀ ସଂସ୍କରଣ ଅଗଷ୍ଟ ମାସରେ ପ୍ରକାଶିତ ହେବ । ନଜ ଦ୍ୱାର୍ ଲଖିତ କବତା ଓ କାହାଣୀ ଶୀଘ୍ର ଆମ ନକଟକୁ ପଠାନ୍ତୁ ।

ଆପଣଙ୍କ ଲଖିତ କବତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତହାସ, ରେଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦ ଆପଣ ଇ-ମେଲ୍ ଦ୍ୱାର୍ ଆମ ନକଟକୁ ପଠାଇ ପାରବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚଠି ମାଧମରେ ଲେଖା ପ୍ରେରଣ କରବା ଠିକଣା

## ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରକା'

ବୀମାନଗର, ୨ୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

**https://www.facebook.com/odiaparibar**

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।